Postal Regd.No.:
BGR - 02/2021-2023
ବର୍ଷ - ୨୧ ■ ସଂଖ୍ୟା - ୩୭
Volum. - 21 ■ Issue No.- 37
Sunday ■ Balangir
ରବିବାର ■ ବଲାଙ୍ଗିର

KOSHALA PRABAHA
# କୋଶଳ ପ୍ରବାହ

www.koshalaprabaha.com

R.N.I.No.: ODIODI/2000/03637 | ୦୮ ଅଗଷ୍ଟ - ୧୪ ଅଗଷ୍ଟ ୨୦୨୧ | 08 Aug - 14 Aug 2021 | Odia Weekly | 8 Pages | Rs.2/- only

## ନାବାଳିକା କନ୍ୟାକୁ ରାଜସ୍ଥାନୀ ବର : ବାଲ୍ୟ ବିବାହ ରୋକିବାରେ ସଫଳ ହେଲା ପ୍ରଶାସନ



ସଇଁନ୍ତଲା, (ନିପ୍ର) : ବଲାଙ୍ଗିର ଜିଲ୍ଲା ସଇଁନ୍ତଲା ବ୍ଲକ ଡୁଙ୍ଗୁରିପାଲି ସ୍ଥିତ ସାଉନ୍ତଉପେର ଗ୍ରାମରେ ନାବାଳିକା ଝିଅକୁ ରାଜସ୍ଥାନୀ ବର ସାଙ୍ଗରେ ବିବାହ କରିବା ପାଇଁ ପରିବାର ଲୋକେ ଉଦ୍ୟମ କରୁଥିଲେ । ଖବର ପାଇବା ପରେ ପ୍ରଶାସନ ପହଂଚି ବିବାହକୁ ବନ୍ଦ କରିବାରେ ସଫଳତା ହାସଲ କରିଛି । ସୂଚନା ମତେ, ବ୍ଲକର ସାଉନ୍ତଉପେର ଗ୍ରାମର ସୁରେନ୍ଦ୍ର ବାରିକଙ୍କ ନାବାଳିକା ନାତୁଣୀ ସହ ରାଜସ୍ଥାନର ରାକେଶ ଶର୍ମାଙ୍କ ଗତ ଶୁକ୍ରବାର ରାତିରେ ବିବାହ ସମ୍ପନ୍ନ କରି ଦେଇଥିଲେ ପରିବାର ଲୋକେ । ଏହା ପରେ ରାଜସ୍ଥାନକୁ ଯିବା ପାଇଁ ସଜବାଜ ହେଉଥିବା ବେଳେ ଖବର ପାଇବା ପରେ ସ୍ଥାନୀୟ ସିଡ଼ିପିଓ ସବିତା ଦାସ, ସୁପର ଭାଇଜର ବାସନ୍ତୀ ଜାନୀ ଓ ପୁଲିସ ପ୍ରଶାସନ ଘଟଣା ସ୍ଥାନରେ ପହିଂଚି ନାବାଳିକା ଝିଅ ଓ ରାଜସ୍ଥାନୀ ପୁଅକୁ ଥାନାରେ ଆଣି ପଚରା ଉଚରା କରିଥିଲେ ଥାନା ଅଧିକାରୀ ସଂଗ୍ରାମ କେଶରୀ ପଟ୍ଟନାୟକ । ଯେଉଁ ଦିନ ପର୍ଯ୍ୟନ୍ତ ୧୮ ବର୍ଷ ନ ପୂରିଛି ସେହି ଦିନ ପର୍ଯ୍ୟନ୍ତ ବାହା ହୋଇ ପାରିବେ ନାହିଁ ବୋଲି ପ୍ରଶାସନ ପରିବାର ଲୋକଙ୍କୁ ବୁଝାଇଥିଲା । ପରେ ସିଡ଼ବ୍ଲୁସି ସଦସ୍ୟ ନୀଳାମ୍ବର ମାଝୀଙ୍କୁ କନ୍ୟାକୁ ହସ୍ତାନ୍ତର କରିଥିଲେ । ଏହା ପରେ ନାବାଳିକା ଝିଅଙ୍କୁ ଦେଓଗାଁ ସାଲେପାଲି ସ୍ଥିତ ଆଶ୍ରମରେ ରଖାଯାଇଥିବା ପ୍ରଶାସନ ସୂଚନା ଦେଇଛି ।

## ଭିଜିଲାନ୍ସ ଜାଲରେ ପଡିଲେ ନୂଆପଡ଼ା ଜିଲ୍ଲା ମୁଖ୍ୟ ପ୍ରାଣୀଧନ ଚିକିତ୍ସାଧିକାରୀ ତ୍ରିଲୋଚନ ଧଳ

ନୂଆପଡା, (ନିପ୍ର) : ଆୟ ବହିର୍ଭୁତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ଜାଲରେ ପଡିଛନ୍ତି ନୂଆପଡ଼ା ଜିଲ୍ଲା ମୁଖ୍ୟ ପ୍ରାଣୀଧନ ଚିକିତ୍ସାଧିକାରୀ ତ୍ରିଲୋଚନ ଧଳ । ସୂଚନା ମତେ ଜିଲ୍ଲା ମୁଖ୍ୟ ପ୍ରାଣୀଧନ ଚିକିତ୍ସାଧିକାରୀ ଶ୍ରୀ ଧଳ ୨ ଲକ୍ଷ ୭୭ ହଜାର ଟଙ୍କା ନେଇ ସରକାରୀ ଗାଡ଼ିରେ କଟକ ଯାଉଥିବା ବେଳେ ହଠାତ ଭିଜିଲାନ୍ସ ଟିମ୍ ତାଙ୍କୁ କାବୁ କରିବା ସହ ସାଙ୍ଗରେ ନେଉଥିବା ଟଙ୍କାର ହିସାବ ମାଗିଥିବାରୁ ହିସାବ ଦେଇପାରି ନଥିଲେ ଶ୍ରୀ ଧଳ । ସେଥିପାଇଁ ତାଙ୍କ ନୂଆପଡ଼ା ସ୍ଥିତ ସରକାରୀ ବାସଭବନ, କାର୍ଯ୍ୟାଳୟ ଓ କଟକ ନରାଜ ସ୍ଥିତ ପୈତୃକ ଘରେ ଏକକାଳୀନ ରେଡ୍ ଚଳାଇଥିଲା ଭିଜିଲାନ୍ସ ଟିମ୍ ।

କୋରାପୁଟ ଭିଜିଲାନ୍ସ ଡିଏସପିଙ୍କ ନେତୃତ୍ୱରେ ଚଢ଼ାଉରେ ସାମିଲ ହୋଇଥିଲେ କଳାହାଣ୍ଡି ଓ ନୂଆପଡ଼ା ଜିଲ୍ଲାର ଭିଜିଲାନ୍ସ ଟିମ୍ ।

## ସଚିବଙ୍କ ସୁନ୍ଦରଗଡ ଜିଲ୍ଲା ଗସ୍ତ : ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର କଲେ ସମୀକ୍ଷା



ସୁନ୍ଦରଗଡ, (ସ୍ୱପ୍ର) : ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର, ମୁଖ୍ୟମନ୍ତ୍ରୀଙ୍କ ସଚିବ ଭି.କେ. ପାଣ୍ଡିଆନ୍, ଜାତୀୟ ସ୍ୱାସ୍ଥ୍ୟ ମିଶନର ନିର୍ଦ୍ଦେଶିକା ଶ୍ରୀମତୀ ଶାଳିନୀ ପଣ୍ଡିତ ଓ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସଚିବ ଆର. ଭିଳିନ୍‌କ୍ରିଷ୍ଣା ସୁନ୍ଦରଗଡ ଜିଲ୍ଲା ଗସ୍ତରେ ଯାଇ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି । ଏହି ସଚିବ ସ୍ତରୀୟ ପ୍ରତିନିଧି ଦଳ କୁନ୍ଦୁକେଲାସ୍ଥିତ ୩୩/୧୧ କେଭି ବିଦ୍ୟୁତ ଗ୍ରୀଡ ସବ୍‌ଷ୍ଟେସନ, ଭେଡାବାହାଲ କୋଲ୍ କରିଡର, ଭବାନୀପୁର ଠାରେ ଆଧୁନିକ ବାଲା ମଡେଲରେ ନିର୍ମିତ ଅଙ୍ଗନବାଡି କେନ୍ଦ୍ର ଏବଂ କିଂଜିରିମା ସରକାରୀ ହାଇସ୍କୁଲର ରୂପାନ୍ତରଣ କାର୍ଯ୍ୟ ବୁଲି ଦେଖିଥିଲେ । ଏହାସହିତ ଶିକ୍ଷା, ମହିଳା ଓ ଶିଶୁ ବିକାଶ, ପୋଷଣ, ଜୀବିକା, ସଂଯୋଗୀକରଣ, ପାନୀୟ ଜଳ, କୃଷି ଓ ଜଳସେଚନ ଆଦି ବିଭିନ୍ନ କାର୍ଯ୍ୟକ୍ରମର ଅଗ୍ରଗତି ସଂପର୍କରେ ମଧ୍ୟ ସମୀକ୍ଷା କରିଥିଲେ ।

କୋଭିଡ ମହାମାରୀର ସମ୍ଭାବ୍ୟ ତୃତୀୟ ଲହରର ମୁକାବିଲା ଲାଗି ସ୍ୱାସ୍ଥ୍ୟ ଭିତ୍ତିଭୂମିର ପ୍ରସ୍ତୁତି ଏବଂ ବିଶେଷ କରି ଶିଶୁମାନଙ୍କ ଚିକିତ୍ସା ଲାଗି ଆଇସିୟୁ ତଥା ଆବଶ୍ୟକୀୟ ବ୍ୟବସ୍ଥା ସଂପର୍କରେ ସୁନ୍ଦରଗଡସ୍ଥିତ ଏନ୍‌ଟିପିସି କୋଭିଡ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରି ଅନୁଧାନ କରିଥିଲେ । ଏତଦ୍ ବ୍ୟତୀତ ଜିଲ୍ଲାରେ କ୍ରୀଡା ଭିତ୍ତିଭୂମି ସଂପର୍କରେ ମଧ୍ୟ ବୈଠକରେ ଆଲୋଚନା କରାଯାଇଥିଲା । ରାଜ୍ୟ ସରକାରଙ୍କର ୫-ଟି କାର୍ଯ୍ୟକ୍ରମ ଅଧୀନରେ ଜିଲ୍ଲାର ୫୦ଟି ସରକାରୀ ହାଇସ୍କୁଲର ରୂପାନ୍ତର କାମ ଅକ୍ଟୋବର ସୁଦ୍ଧା କରାଯିବ ବୋଲି ନିଷ୍ପତ୍ତି ହୋଇଛି । ୫୦ଟି ହାଇସ୍କୁଲ ମଧ୍ୟରୁ ଏହି ସଚିବସ୍ତରୀୟ ଦଳ କିଞ୍ଜିରିମା ସରକାରୀ ହାଇସ୍କୁଲ ବୁଲି ଦେଖିଥିଲେ । ସେମାନେ ସ୍ମାର୍ଟ କ୍ଲାସରେ ବସି ଷ୍ଟୁଡିଓରେ ଥିବା ଶିକ୍ଷୟତ୍ରୀ ଏବଂ ଅନ୍ୟ ଏକ କକ୍ଷରେ ବସି ପଢୁଥିବା ଛାତ୍ରଛାତ୍ରୀଙ୍କ ସହ ଭର୍‌ଚୁଆଲ୍ ମାଧ୍ୟମରେ କଥାବାର୍ତ୍ତା କରିଥିଲେ ।

ସୁନ୍ଦରଗଡ ସଦରର ଭବାନୀପୁରରେ ବାଲା ମଡେଲରେ ନିର୍ମିତ ଆଧୁନିକ ଅଙ୍ଗନବାଡି କେନ୍ଦ୍ର ମଧ୍ୟ ସେମାନେ ପରିଦର୍ଶନ କରିଥିଲେ । ଛୋଟ ଛୋଟ ପିଲାଙ୍କ ଶିକ୍ଷାକୁ ଆନନ୍ଦମୟ କରିବା ପାଇଁ ବାଲା ମଡେଲରେ ସଂପୂର୍ଣ୍ଣ ନୂଆ ଢାଞ୍ଚାରେ ଅଙ୍ଗନବାଡୀ କେନ୍ଦ୍ର ତିଆରି କରାଯାଇଛି । ଏହାର ଆସବାପତ୍ର ଓ କାନ୍ଥବାଡ ଠାରୁ ଆରମ୍ଭ କରି ସଂପୂର୍ଣ୍ଣ ପରିବେଶ ପିଲାଙ୍କ ଶିକ୍ଷା ପାଇଁ ଆକର୍ଷଣୀୟ କରାଯାଇଛି । ସୁନ୍ଦରଗଡ ଜିଲ୍ଲାରେ ଥିବା ସମସ୍ତ ଅଙ୍ଗନବାଡି କେନ୍ଦ୍ର ସହିତ ନୂଆ ଅଙ୍ଗନବାଡି କେନ୍ଦ୍ର ଗୁଡିକୁ ଏହି ବାଲା ମଡେଲରେ ନିର୍ମାଣ କରାଯାଉଛି ।

## ଜନସାଧାରଣଙ୍କ ବାର୍ତ୍ତାବହ ପାଲଟିଛି 'କୋଶଳ ପ୍ରବାହ ଲାଇଭ୍' : ଅତିଥି ବୃନ୍ଦ

## 'କୋଶଳ ପ୍ରବାହ ଲାଇଭ୍' ୱେବ୍ ନ୍ୟୁଜ୍ ପୋର୍ଟାଲ୍‌ର ପ୍ରଥମ ବାର୍ଷିକୋତ୍ସବ ଅନୁଷ୍ଠିତ

- କରୋନା ମହାମାରୀ ସଂକ୍ରମଣ କାଳରେ ଅସହାୟ ମଣିଷଙ୍କୁ ସହାୟତା ପ୍ରଦାନ କରିଥିବା ୧୭ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସମ୍ବର୍ଦ୍ଧିତ ହେଲେ
- ୩ ଜଣ ଯୁବ ସାମ୍ବାଦିକ ଦେବାଶିଷ, ନିରୋଜ ଓ ଅଜିତ ପାଇଲେ ବେଷ୍ଟ ରିପୋର୍ଟର୍ ଆୱାର୍ଡ
- 'କୋଶଳ ପ୍ରବାହ'ର ମୁଖ୍ୟ ସହଯୋଗୀ ତଥା ଜୟଶ୍ରୀ ପ୍ରିଣ୍ଟର୍ସର ପ୍ରାଣ ପ୍ରତିଷ୍ଠାତା ପ୍ରସନ୍ନ କୁମାର ଗିରି ହେଲେ ସମ୍ମାନିତ

ବଲାଙ୍ଗିର, (ନିପ୍ର) : ବଲାଙ୍ଗିରରୁ ପ୍ରକାଶିତ 'କୋଶଳ ପ୍ରବାହ ଲାଇଭ' ନ୍ୟୁଜ ପୋର୍ଟାଲ ଗତ ୫ ତାରିଖ ଦିନ ଦ୍ୱିତୀୟ ବର୍ଷରେ ପାଦ ଦେଇଛି । ସ୍ଥାନୀୟ ସମ୍ବାଦିକ ଭବନ ଠାରେ ଆୟୋଜିତ ବାର୍ଷିକୋତ୍ସବ କାର୍ଯ୍ୟକ୍ରମରେ ସାମ୍ପ୍ରତିକ ପରିସ୍ଥିତିରେ ୱେବ୍ ନ୍ୟୁଜ୍ ପୋର୍ଟଲର ଭୂମିକା ପ୍ରସଙ୍ଗରେ ଆଲୋଚନା ଚକ୍ର ଆୟୋଜିତ ହୋଇଥିଲା । ଏହି ଆଲୋଚନା ଚକ୍ରରେ ମାତ୍ର ଗୋଟିଏ ବର୍ଷରେ 'କୋଶଳ ପ୍ରବାହ ଲାଇଭ୍' ସାଧାରଣ ଜନତାଙ୍କ ବାର୍ତ୍ତାବହ ପାଲଟି ପାରିଛି ବୋଲି ମତ ପ୍ରକାଶ ପାଇଥିଲା । ସଂପାଦକ ଆନଂଦ ଚଂଦ୍ର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପାଟଣାଗଡ ବିଧାୟକ ସରୋଜ କୁମାର ମେହେର, ମୁଖ୍ୟ ବକ୍ତା ଭାବେ ସ୍ତମ୍ଭକାର ତଥା ସାମାଜିକ କର୍ମୀ ହେମନ୍ତ ପଣ୍ଡା, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ଡ. ଶିବ ପ୍ରସାଦ ବେହେରା ଓ ଜିଲ୍ଲା ଯୁବ ବିଜୁ ଜନତା ଦଳର ସଭାପତି ରାଜେନ୍ଦ୍ର ପ୍ରସାଦ ହୋତା ଯୋଗଦାନ କରିଥିବା ବେଳେ ସାହିତ୍ୟସାଧିକା ଶ୍ରୀମତୀ ଲିଲି ପଟେଲ ସଭା ସଂଚାଳନ ଦାୟିତ୍ୱ ଗ୍ରହଣ କରିଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ମା' ସମଲେଇଙ୍କଠାରେ ପ୍ରଦୀପ ପ୍ରଜ୍ୱଳନ ପରେ କରୋନାରେ ପ୍ରାଣ ହରାଇଥିବା ସାମ୍ବାଦିକ ମାନଙ୍କ ଉଦ୍ଦେଶ୍ୟରେ ଦୁଇ ମିନିଟ୍‌ର ନୀରବ ପ୍ରାର୍ଥନା କରାଯାଇଥିଲା । ପରେ ପରେ ଅତିଥିମାନଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯିବା ପରେ ଅତିଥି ବୃନ୍ଦ ଆଜିର ଆଲୋଚ୍ୟ ପ୍ରସଙ୍ଗ ଉପରେ ନିଜସ୍ୱ ମତ ରଖିଥିଲେ ।

କରୋନା କାଳରେ ଲକ୍ ଡାଉନ୍, ସଟ୍ ଡାଉନ ଯୋଗୁଁ ବିଭିନ୍ନ ମୁଖ୍ୟ ଗଣମାଧ୍ୟମ ପାଠକଙ୍କ ପାଖକୁ ପହଞ୍ଚିବାରେ ଅସଫଳ ହୋଇଥିବା ବେଳେ ୱେବ୍ ନିଉଜ୍ ପୋର୍ଟଲ ଗୁଡିକ ବେଶ୍ ଲୋକପ୍ରିୟତା ଅର୍ଜନ କରିଛି । ସେହି କ୍ରମରେ ତୁରନ୍ତ ଖବର ପ୍ରସାରଣ କରି 'କୋଶଳ ପ୍ରବାହ ଲାଇଭ୍' ବିଶେଷ ସଫଳତା ହାସଲ କରିଛି ବୋଲି ସମ୍ମାନିତ ଅତିଥି ବିଶିଷ୍ଟ ଶିକ୍ଷାବିତ୍ ଶ୍ରୀ ବେହେରା କହିଥିଲେ । ମୁଖ୍ୟ ଅତିଥି ବିଧାୟକ ଶ୍ରୀ ମେହେର ସମ୍ବାଦିକ ମାନଙ୍କୁ ନବୀନ ସରକାର ବିଶେଷ ପ୍ରାଧାନ୍ୟ ଦେଇ ସାମ୍ବାଦିକମାନଙ୍କୁ କରୋନା ଯୋଦ୍ଧା ଘୋଷଣା କରିବା ସହ କରୋନାରେ ପ୍ରାଣବଳି ଦେଇଥିବା ସମ୍ବାଦିକଙ୍କ ପରିବାରବର୍ଗଙ୍କୁ ସହେଯାଗ ରାଶି ପ୍ରଦାନ କରିଛନ୍ତି ବୋଲି ଉଲ୍ଲେଖ କରିବା ସହ 'କୋଶଳ ପ୍ରବାହ' ଅଂଚଳର କଥା ଓ ବ୍ୟଥାକୁ ଠିକ୍ ଭାବେ ପରିପ୍ରକାଶ କରୁଥିବା ତଥା ଜନସାଧାରଣଙ୍କ ସମସ୍ୟାର ନିଦାନ୍ ପାଇଁ ସେ ଚିର ଚେଷ୍ଟିତ ରହିଥିବା ଦିଗରେ ମତପ୍ରକାଶ କରିଥିଲେ । ମୁଖ୍ୟବକ୍ତା ଶ୍ରୀ ପଣ୍ଡା ୱେବ୍ ନ୍ୟୁଜ୍ ପୋର୍ଟାଲର ଆବିର୍ଭାବ ଓ ଆବଶ୍ୟକତା ସଂପର୍କରେ ଆଲୋକପାତ କରି 'କୋଶଳ ପ୍ରବାହ ଲାଇଭ୍'ର ସଫଳ ଅଙ୍ଗିକାରବଦ୍ଧତା ସଂପର୍କରେ ଆଲୋଚନା କରିଥିଲେ । ବର୍ତ୍ତମାନ ସମୟରେ 'କୋଶଳ ପ୍ରବାହ' ବଲାଙ୍ଗିରର ପରିଚୟକୁ ଆହୁରି ଉଜ୍ୱଳ କରିବାରେ ବିଶେଷ ଭୂମିକା ନେଇଥିବା ସେ ପ୍ରକାଶ କରିଥିଲେ । ଅନ୍ୟତମ ସମ୍ମାନିତ ଅତିଥି ଯୁବନେତା ଶ୍ରୀ ହୋତା ସାମ୍ବାଦିକଙ୍କ ସମାଜ ପ୍ରତି ରହିଥିବା ଯୋଗଦାନ ଉପରେ ଆଲୋକପାତ କରିଥିଲେ । ସଭାପତିତ୍ୱ ବକ୍ତବ୍ୟରେ ସଂପାଦକ ଶ୍ରୀ ସାହୁ 'କୋଶଳ ପ୍ରବାହ'ର ଦୀର୍ଘ ଯାତ୍ରା ସଂପର୍କରେ ଆଲୋକପାତ କରିଥିଲେ । ସାମ୍ବାଦିକମାନଙ୍କ ନିଷ୍ଠା ଓ ସମାଜରେ ସେମାନଙ୍କ ସ୍ଥିତି ସଂପର୍କରେ ବକ୍ତବ୍ୟ ରଖି ସେ କହିଥିଲେ ଯେ, ସମାଜ ସାମ୍ବାଦିକମାନଙ୍କ ପ୍ରତି ଯେଭଳି ଆସ୍ଥା ରଖୁଛି, ସେଭଳି ସେମାନଙ୍କ ପ୍ରତି ସମବେଦନା ପ୍ରକାଶ କରିବା ନିହାତି ଆବଶ୍ୟକ ।



ଏହାପରେ ସମ୍ବର୍ଦ୍ଧନା ପର୍ବ ଆରମ୍ଭ ହୋଇଥିଲା । କରୋନା ମହାମାରୀ ସଂକ୍ରମଣ କାଳରେ ଅସହାୟ ମଣିଷଙ୍କୁ ଯେଉଁ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଗୁଡ଼ିକ ସହାୟତା ପ୍ରଦାନ କରିଥିଲେ, ସେମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସମ୍ବର୍ଦ୍ଧନା ପାଇଥିବା ଅନୁଷ୍ଠାନ ଗୁଡ଼ିକ ହେଲେ ବଲାଙ୍ଗିର ସିଏନ୍‌ସି ଛାତ୍ର ସମୂହ, ସ୍ମାଇଲ୍ ଫର୍ ଅଲ୍, ନାରୀଶକ୍ତି ଫାଉଣ୍ଡେସନ୍, ଟିଟିଲାଗଡ଼ର ଗୁରୁକୃପା ସେବା ଟ୍ରଷ୍ଟ, ପାଟଣାଗଡ଼ର ସିଟିଜନ୍ କମିଟି, ବଲାଙ୍ଗିରର ୱେଷ୍ଟର୍ଣ୍ଣ ଓଡ଼ିଶା ଯୁବାମଂଚ, ବରଗଡ଼ର ନିଷ୍ଠା, ପାଟଣାଗଡ଼ର ସେବା ଚେରିଟେବୁଲ୍ ଟ୍ରଷ୍ଟ, ବଲାଙ୍ଗିର ସ୍ୱେଚ୍ଛାସେବୀ ସଂଗଠନ, ମାହେଶ୍ୱରୀ ସେବା ସଂଗଠନ, କେଶରୀୟା ହିନ୍ଦୁ ବାହିନୀ ଓ ସୀତାରାମ ଫାଉଣ୍ଡେସନ୍ । ଏହି ଅବସରରେ 'କୋଶଳ ପ୍ରବାହ'ର ତିନି ଜଣ ଯୁବ ସାମ୍ବାଦିକ ଦେବାଶିଷ ମିଶ୍ର, ନିରୋଜ କୁମାର ପାଣୀ ଓ ଅଜିତ କୁମାର ସାହୁ ବେଷ୍ଟ୍ ରିପୋର୍ଟର୍ ଭାବେ ସମ୍ମାନ ଗ୍ରହଣ କରିଥିଲେ । 'କୋଶଳ ପ୍ରବାହ'ର ମୁଖ୍ୟ ସହଯୋଗୀ ତଥା ଜୟଶ୍ରୀ ପ୍ରିଣ୍ଟର୍ସର ପ୍ରାଣ ପ୍ରତିଷ୍ଠାତା ପ୍ରସନ୍ନ କୁମାର ଗିରିଙ୍କ ମଧ୍ୟ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା । ସଭା ଶେଷରେ ବଲାଙ୍ଗିର ଅବସରପ୍ରାପ୍ତ ସୈନିକ ସଂଘର ସଂପାଦକ ପ୍ରତାପ ଚନ୍ଦ୍ର ରଥ ଅତିଥିମାନଙ୍କୁ ଓ ଉପସ୍ଥିତ ସମସ୍ତଙ୍କୁ ଧନ୍ୟବାଦ ଦେଇ ସମାଜସେବା ପ୍ରତି ସମସ୍ତେ ଆଗେଇ ଆସିବାକୁ ଆହ୍ୱାନ କରିଥିଲେ ।

# ଅଗଷ୍ଟ ୦୯ ବିଶ୍ୱ ଆଦିବାସୀ ଦିବସ : ଏକ ଅନୁଚିନ୍ତା



ଅଧ୍ୟାପକ କୌତୁକ ପନ୍ଦର

"ସିଂହ ନିଜର ଇତିହାସ ନ ଲେଖିଲା ପର୍ଯ୍ୟନ୍ତ ଶିକାରୀ ତା'ର ନିଜ ଗୁଣଗାନକରି ହିଁ ଶିକାରର ଇତିହାସକୁ ପରିବର୍ଦ୍ଧିତ କରି ଚାଲିଥିବ ।"

ଉପରୋକ୍ତ ମନ୍ତବ୍ୟ ଦେଇଥିବା ପ୍ରଖ୍ୟାତ ଲେଖକ ହେଲେ ନାଇଜେରିଆବାସୀ ଚିନୁଆ ଆଚେବେ (ଥିଙ୍ଗଫଲ ଏପାର୍ଟ) ଉପନ୍ୟାସକାର । କହିବାର ତାତ୍ପର୍ଯ୍ୟ, ବିଶ୍ୱମୂଳ ନିବାସୀ ବା ଆଦିବାସୀ ଲୋକ ନିଜର ଇତିହାସକୁ, ଅସ୍ତିତ୍ୱକୁ ନଜାଣିଲା ପର୍ଯ୍ୟନ୍ତ ସେ ସଦାସର୍ବଦା ହୀନମନ୍ୟତାର ଶିକାର ହେଉଥିବ । ମାରିନେଲେ ମହାପାତ୍ରେ ଚାହିଁଥାରେ ଜଳକା ! ଏହାକୁ ଦୃଷ୍ଟିରେ ରଖି ବିଶ୍ୱ ଜାତିସଂଘର ସାଧାରଣ ସଭାର ସଦସ୍ୟମାନେ ୪୯/୨୧୪ ନିଷ୍ପତ୍ତି ଅନୁସାରେ ଡିସେମ୍ବର ୧୯୯୪ ମସିହାରେ ବିଶ୍ୱର ସମସ୍ତ ଆଦିବାସୀ ତଥା ମୂଳନିବାସୀମାନଙ୍କୁ ସଚେତନ କରିବା ପାଇଁ ଏକ ସଭା ଆହୂତ କରିଥିଲେ । ଏବଂ ସେଠାରେ ସେମାନେ ନିଷ୍ପତ୍ତି ନେଲେ ଯେ ପ୍ରତ୍ୟେକ ବର୍ଷ ଅଗଷ୍ଟ ୦୯କୁ ବିଶ୍ୱ ଆସିବାସୀ ବା ମୂଳନିବାସୀ ଦିବସଭାବେ (The world Indigenous People's Day ) ପାଳନ କରାଯିବ । ଏହା ପୂର୍ବରୁ ପ୍ରଥମ କରି ୧୯୮୨ ମସିହା ଅଗଷ୍ଟ ୦୯ରେ ମଧ୍ୟ ଏ ସମ୍ପର୍କରେ ଜାତିସଂଘର କାର୍ଯ୍ୟକାରିଣୀ ବିଭାଗ- ଯିଏ ମୂଳନିବାସୀ ବା ଆଦିବାସୀ ଲୋକଙ୍କ ସ୍ୱାର୍ଥ ରକ୍ଷାପାଇଁ କାମ କରୁଥିଲା । ଏହାକୁ ସ୍ମରଣ କରିବା ସକାଶେ ଅଗଷ୍ଟ ୦୯ ହିଁ ବିବେଚିତ ହେଲା । ମାନବିକ ଅଧିକାରର ସୁରକ୍ଷା ଓ ପ୍ରୋତ୍ସାହକୁ ଗୁରୁତ୍ୱ ଦିଆଯାଇଥିଲା ।

ପୃଥିବୀର ୯୦ଟି ଦେଶ ଏବଂ ଜନସଂଖ୍ୟାର ଶତକଡ଼ା ପାଂଚ ଥିବା ଏହି ଆଦିବାସୀ (୩୭୦ ରୁ ୫୦୦ ମିଲିୟନ୍ ଜନସଂଖ୍ୟାର) ଥିଲେ ମ୍ଭ ଶତକଡ଼ା ୧୫ଭାଗ ଅତ୍ୟନ୍ତ ଗରିବ ଭାବେ, ଦୟନୀୟ ସ୍ଥିତିରେ ରହିଛନ୍ତି । ଏହିକ୍ରମରେ ଭାରତର ସମୁଦାୟ ଜନସଂଖ୍ୟାର ୯.୭ ପ୍ରତିଶତ ଏହି ଆଦିବାସୀ ଗୋଷ୍ଠୀ ହୋଇଥିବାବେଳେ ଓଡ଼ିଶାରେ ଏମାନଙ୍କ ଭାଗ ୨୨.୦୧ ପ୍ରତିଶତ ଅଟେ ।

ଜନସଂଖ୍ୟାର ସୀମାନ୍ତରିତ ଏଭଳି ଆସିବାସୀଙ୍କ ଐତିହ୍ୟ, ପରମ୍ପରା, ସଂସ୍କୃତି, ଭାଷା, ଧର୍ମ ଇତ୍ୟାଦିକୁ ସୁରକ୍ଷା ଦେବା ଓ ଏମାନଙ୍କ ଅଧିକାରକୁ ପ୍ରୋତ୍ସାହନ କରିବା ହେଉଛି ଏହାର ମୁଖ୍ୟ ଉଦ୍ଦେଶ୍ୟ । ସେମାନଙ୍କ ମଧ୍ୟରେ ତଥା ଅନ୍ୟାନ୍ୟ ଗୋଷ୍ଠୀ ମାନଙ୍କ ମଧ୍ୟରେ ତାଙ୍କପ୍ରତି ଏକ ସ୍ୱତନ୍ତ୍ର ଦୃଷ୍ଟିଦେବା ହେଉଛି ଆହୁରି ଏକ ମୁଖ୍ୟଲକ୍ଷ୍ୟ । ଏହି ଗୋଷ୍ଠୀପ୍ରତି ଅବହେଳା, ସାମ୍ବିଧାନିକ ନ୍ୟାର୍ଯ୍ୟ ଅଧିକାର ହାସଲ କରିବା ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାରେ ଯେଭଳି ଦେଶ, ଜାତି ଓ ସରକାର ଅବହେଳା ନ କରନ୍ତି ତାପ୍ରତି ଧ୍ୟାନଦେବା ଏହି ଦିବସର ମୁଖ୍ୟଲକ୍ଷ୍ୟ ।

ଏମାନେ ପାରମ୍ପରିକଭାବେ ଦଶନ୍ଧି ଦଶନ୍ଧି ଧରି ଗୋଟେ ଭୌଗୋଳିକ ପରିବେଷ୍ଟନିରେ ବସବାସ କରି ଆସୁଥିଲେ ମଧ୍ୟ ତାଙ୍କର ନିଜସ୍ୱ ଆବାସିକ ଅଧିକାର ପାଇନାହାନ୍ତି । ଦେଶର, ଜନତାର ବିକାଶଆଳରେ ଏମାନେ ଭିଟାମାଟିରୁ ଉତ୍ଖାତ ହେଉଛନ୍ତି । ଖଣିଖାଦାନ ଉତ୍ତୋଳନ ଆଳରେ ବେଘର ହେଉଛନ୍ତି । ବିସ୍ଥାପନ ହେଉଛି ଏମାନଙ୍କ ଜୀବନର ଚିରସହଚର ଯେମିତି । ନଦୀବନ୍ଧ ଯୋଜନା, ଶିଳ୍ପ ପ୍ରତିଷ୍ଠା, ଅଭୟାରଣ୍ୟର ପରିଯୋଜନା, ଖଣିଜଦ୍ରବ୍ୟର ଉତ୍ତୋଳନ ଏହି ମାଟିର ମଣିଷ ଅମୃତର ସନ୍ତାନଙ୍କ ଜୀବନକୁ ଦୁର୍ବିସହ କରିଦେଇଛି । ପ୍ରାକୃତିକ ପରିବେଶ ଏକ ପ୍ରକୃତିପୂର୍ଣ୍ଣ ଜୀବନ ବଂଚୁଥିବା ଏହି ଜନତା ଆଜି ବି ବାରଦ୍ୱାର ଶୁଣ୍ଢିପିଣ୍ଡା ହେଇ ଉଚିତ୍ ଭାବେ ଥଇଥାନ ହୋଇପାରି ନାହାଁନ୍ତି । ଭାରତର ବିସ୍ତୃତ ଆଭ୍ୟନ୍ତରୀଣ ମହାରାଷ୍ଟ୍ର, ମଧ୍ୟପ୍ରଦେଶ, ଛତିଶଗଡ଼, ଝାଡ଼ଖଣ୍ଡ, ବିହାର, ଓଡ଼ିଶା, ତେଲେଙ୍ଗାନା ଏବଂ ସର୍ବୋପରି ପୂର୍ବୋତ୍ତର ରାଜ୍ୟରେ ବସବାସ କରୁଥିବା ଏ ପ୍ରକୃତିର ସନ୍ତାନ ପାଇଁ ଆଜିର ଆଧୁନିକ ଯୁଗରେ ମଧ୍ୟ ସବୁଦିନିଆ ରାସ୍ତା ନାହିଁ । ସ୍ୱଚ୍ଛ ପିଇବା ପାଣିର ଅଭାବ ରହିଛି । ବିଜୁଳି ଓ ଉପଯୁକ୍ତ ସ୍ୱାସ୍ଥ୍ୟ ପାଇଁ ଡାକ୍ତରଖାନାର ଉପଲବ୍ଧ ନାହିଁ । ଟେଲି ଯୋଗାଯୋଗ, କୋଭିଡ଼୍ ମହାମାରୀରେ ଆହୁରି ସାଂଘାତିକ ହୋଇଉଠିଛି । କୋଭିଡ଼୍-୧୯ ମହାମାରୀ ଯୋଗୁଁ ଯାତାୟାତ, ଲଘୁ ବନଜାତ ଦ୍ରବ୍ୟର ବିକ୍ରିବଟା ଓ ଅନୁସଙ୍ଗିକ ଦୈନନ୍ଦିନ ଜୀବନର ଆବଶ୍ୟକତାକୁ ବିଶେଷଭାବେ ପ୍ରଭାବିତ କରିଦେଇଛି ।

ସେଥିପାଇଁ ଏଥରର ବିଶ୍ୱ ଆଦିବାସୀ ଦିବସର ମୁଖ୍ୟଭାବ ହେଉଛି, 'କୋଭିଡ଼୍-୧୯' ଓ 'ମୂଳନିବାସୀଙ୍କ ପୁନଃସଂସ୍ଥାପନ' ଭାବେ ନିଆଯାଇଅଛି । ଏହି ମହାମାରୀ ସମୟରେ ଆଦିବାସୀମାନେ କିଭଳି ମୁକାବିଲା କରିଥିଲେ ଏବେ ମଧ୍ୟ ସେମାନଙ୍କ ଜୀବନ-ଜୀବିକା କିଭଳି ପୁନଃସଂସ୍ଥାନ ହୋଇପାରିବ ସେ ଉପରେ ସମସ୍ତେ ବିଚାର କରିବାର ସମୟ ଉପନୀତ ହୋଇଛି ।

ପରିବେଶପ୍ରତି ବିଶ୍ୱ ଆଦିବାସୀଙ୍କ ଉପଲବ୍ଧି ଓ ଯୋଗଦାନ କିଭଳି ମହତ୍ତ୍ୱପୂର୍ଣ୍ଣ ଉପଯୋଗ ରଖେ ତା ଉପରେ ଧ୍ୟାନ ଦେବା ମଧ୍ୟ ଏହି ଦିବସର ମୁଖ୍ୟ ଲକ୍ଷ୍ୟ ଅଟେ ।

ଭାରତ ସରକାରଙ୍କ PESA(Extension to Scheduled Areas) ୧୯୯୬ ଆଇନ ଏ ପର୍ଯ୍ୟନ୍ତ ଆଦିବାସୀ ଅଂଚଳରେ ସମଗ୍ର ଭାବେ ଲାଗୁ କରାଯାଇନାହିଁ । ଓଡ଼ିଶାର କେତେକ ବ୍ଲକ୍‌କୁ ଯଦିଓ ସମ୍ବିଧାନର ୮ମ ପରିଚ୍ଛେଦରେ ସାମିଲ କରି ଆଦିବାସୀମାନଙ୍କୁ ସ୍ୱତନ୍ତ୍ର ମର୍ଯ୍ୟାଦା ଦେବାର ଯେଉଁ ସାମ୍ବିଧାନିକ ଅଧିକାର ରହିଛି ତାର ପୂର୍ଣ୍ଣ ଉପଯୋଗ ବା ପ୍ରଚଳନ ହୋଇପାରିନାହିଁ ।

କଳାହାଣ୍ଡି, କନ୍ଧମାଳ, ମୟୁରଭଂଜ, କେନ୍ଦୁଝର, କୋରାପୁଟ, ସୁନ୍ଦରଗଡ଼, ନବରଙ୍ଗପୁର, ରାୟଗଡ଼ା ଭଳି ଅଂଚଳର ଅନେକ ଆଦିବାସୀ ପୋଡୁଚାଷ କରି ଜୀବିକା ନିର୍ବାହ କରୁଥିଲେ ମଧ୍ୟ ଜଙ୍ଗଲ ମାଫିଆମାନଙ୍କ ପ୍ରରୋଚନାରେ ମୂଲ୍ୟବାନ ଗଛ ସବୁକାଟି-ଚୋରା ଚାଲାଣ ହେବାରେ ଲାଗିଛି । ଫଳରେ ଜଙ୍ଗଲର କ୍ଷୟ ଅନିବାର୍ଯ୍ୟ ହୋଇପଡୁଛି । ଆଜି ଜଙ୍ଗଲ-ଜଳ-ଜମିନ୍ ଯାହା ଆଦିବାସୀ ତଥା ମଣିଷ ସମାଜର ମୁଖ୍ୟ ଅବଲମ୍ବନ ତାହା ବିଶେଷ ଭାବେ ପ୍ରଭାବିତ ହୋଇ ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟର କାରଣ ହେବାରେ ଲାଗିଛି । ଭୂକମ୍ପ, ବାତ୍ୟା, ଅନାବୃଷ୍ଟି, ଅତିବୃଷ୍ଟି, ଋତୁକାଳୀନ ପ୍ରଭାବ ଅସାମ୍ୟ ପରିଲକ୍ଷିତ ହେଉଛି ।

ଆଦିବାସୀ ଅଂଚଳରେ ଜୀବନ ଜୀବିକାକୁ ସମତୁଳ କରିବା ପାଇଁ ସ୍ଥାନୀୟ ବନଜାତ ଦ୍ରବ୍ୟ, ଏହାର ପ୍ରକ୍ରିୟାକରଣ ଓ ଏମାନଙ୍କ ଭାଷା, ସଂସ୍କୃତି ତଥା ପରମ୍ପରାକୁ ସଂରକ୍ଷିତ କରାଯିବା ନିହାତି ଜରୁରୀ । ଆଦିବାସୀ ଅଂଚଳର ଗମନାଗମନ, ଶିକ୍ଷା, ସ୍ୱାସ୍ଥ୍ୟ ପାନୀୟ ଜଳ, ଟେଲି ଯୋଗାଯୋଗ, ଆଲୋକୀକରଣ ବ୍ୟବସ୍ଥା ସର୍ବୋପରି ଆଧୁନିକ ଭିତ୍ତିଭୂମିକୁ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ହେବ ନଚେତ ଅନେକ ନାବାଳକ-ବାଳିକା ମାଓବାଦୀଙ୍କ ପ୍ରରୋଚନାରେ ପଡ଼ି ନିଜ ଜୀବନକୁ ତିଳତିଳ କରି ଗୁଆଁଇ ଦେବେ । ସର୍ବୋପରି ଆଜି ସମୟ ଆସିଛି- ସମସ୍ତଙ୍କ ଧ୍ୟେୟ ଆଦିବାସୀଙ୍କ ସୁରକ୍ଷା ।

ମୋ- ୯୪୩୯୧୧୯୩୩୯

## ସଂପାଦକୀୟ

### ଅସଲି ନେତୃତ୍ୱ ଖୋଜାଣ

ଅସଲି ନେତୃତ୍ୱ ଲୋକ ଜୀବନର ସ୍ୱାଭାବିକ ପ୍ରତିନିଧିତ୍ୱ କରିବା ପାଇଁ ପ୍ରସ୍ତୁତି ରଖେ । ସେଭଳି ନେତୃତ୍ୱ ସଂପନ୍ନ ବ୍ୟକ୍ତିମାନଙ୍କର ଚଳନ, ଚରିତ୍ର ଏବଂ ଅଭ୍ୟାସ, ବ୍ୟବହାରରେ ଜନସାଧାରଣଙ୍କ ପ୍ରକୃତ ଅବସ୍ଥା ପ୍ରତିନିଧିତ୍ୱ ପାଏ । ପ୍ରକୃତ ଲୋକ ସେବକ ରୂପେ ସେମାନେ ନିଜର ବ୍ୟକ୍ତିଗତ ଜୀବନ ଶୈଳୀକୁ ସୁଦ୍ଧା ଜନଜୀବନର ଅବସ୍ଥା ଓ ପରିସ୍ଥିତି ସହ ଏକାତ୍ମ କରିନେଇ ସମତାଳରେ ରଖି ପାରନ୍ତି । ପ୍ରକୃତ ନେତୃତ୍ୱ ସଂପନ୍ନ ବ୍ୟକ୍ତିମାନେ ଯେଉଁଠି ଯେଉଁ ଅବସ୍ଥାରେ ଥିଲେ ମଧ୍ୟ ନିଜକୁ ଜନସାଧାରଣଙ୍କର ନିମ୍ନତମ ସେବକ ରୂପେ ଭାବିଥା'ନ୍ତି । ମାତ୍ର ଭେକଜୀବୀ ଓ ନକଲି ନେତୃତ୍ୱଧାରୀ ଲୋକେ ନିଜକୁ ଜନତାର ପ୍ରଭୁପଣେ ଟେକି ଧରିବାକୁ ଚାହାନ୍ତି । ନକଲି ନେତାମାନେ ସ୍ୱାର୍ଥସିଦ୍ଧି ପାଇଁ ଯଦିଓ ମୁହଁରେ ଘୋଷଣା କରନ୍ତି ଯେ, ପ୍ରତ୍ୟେକ ମଣିଷ ସମାନ, ଅସଲରେ କିନ୍ତୁ ନିଜକୁ ଅସାମାନ୍ୟ ଓ ଅସାଧାରଣ ବୋଲି ହିଁ ମନେ କରନ୍ତି । ଶୋଷିତ, ନିଷ୍ପେସିତ, ଅଗନ୍ୟ, ନଗନ୍ୟ ଜନସାଧାରଣଙ୍କ ସଂଗେ ସେମାନଙ୍କର ବ୍ୟକ୍ତିଗତ ଓ ବାସ୍ତବ ସଂପର୍କ ନଥାଏ । ଆପଣା ନ୍ୟସ୍ତସ୍ୱାର୍ଥର କାମ ବାଗେଇ ନେବାପାଇଁ ନାନା ପ୍ରକାରର ମୁଖା ପିନ୍ଧି ନକଲି ନେତୃତ୍ୱ ଖବର କାଗଜରେ ବିବୃତି ଦିଏ, ସଭା ସମିତିରେ ବକ୍ତୃତା ଦିଏ । ମାତ୍ର ଦୁସ୍ଥ ଓ ପୀଡ଼ିତ କୌଣସି ମଣିଷର ଖୋଜ୍ ଖବର ନେବାପାଇଁ ତାର ବେଳ ନଥାଏ । ତାହାରି ପାଖରେ ହାରି ଗୁହାରି କରିବା ପାଇଁ ଲୋକଙ୍କୁ କ୍ୱଚିତ୍ ସୁଯୋଗ ମିଳିଥାଏ । ନକଲି ନେତୃତ୍ୱ ସଂପନ୍ନ ବ୍ୟକ୍ତି ସ୍ତାବକ ମଣ୍ଡିତ ଉଚ୍ଚାସନରେ ବିଜେକରି ତୋଷାମଦିଆଙ୍କ ତୋଷାମଦରେ ନିରନ୍ତର ଆହ୍ଲାଦିତ ହୋଇପାରିବାକୁ ହିଁ ନେତୃତ୍ୱର ସୌନ୍ଦର୍ଯ୍ୟ ଓ ସାର୍ଥକତା ବୋଲି ମଣିଥାଏ । ବୋଲକରା ପାର୍ଷଦମାନେ ଖଂଜା ହୋଇ ରହିଥାନ୍ତି । ସେମାନଙ୍କର ସ୍ତାବକତା ଓ ତୋଷାମଦର ଉଲ୍ଲାସରେ ଆପେ ମନୁଷ୍ୟତା ବିବର୍ଜିତ ହୋଇ ସାରିଥିବା ସତ୍ତ୍ୱେ ତାକୁ ପୁରୁଷୋତ୍ତମଙ୍କ ସ୍ତରକୁ ଉତ୍ତୀର୍ଣ୍ଣ ହୋଇଗଲା ଭଳି ଲାଗୁଥାଏ । ତେଣିକି ଧରାକୁ ସରା ଜ୍ଞାନ କରିଥାଏ । ମଣିଷମାନେ ମାଛି ଭଳି ଦେଖାଯା'ନ୍ତି । ସେତେବେଳେ ଦୟା ଦେଖାଇ ଲୋକଙ୍କ ପାଇଁ କଦବାକ୍ୱଚିତ୍ କିଛି କିଛି କାମ କରି ଦିଆଯାଏ, ମାତ୍ର ସେମାନଙ୍କର ସେବା କରି ସେବକ ହୋଇ ପାରିବା କାମଟିକୁ ନିମ୍ନମାନର ବୋଲି ବିଚାର କରାଯାଇ ସେ କାମଟି ଅଧସ୍ତନ କୁଜିନେତା ଓ ଭୃତ୍ୟମାନଙ୍କ ହେପାଜତ୍‌ରେ ଛାଡ଼ି ଦିଆଯାଏ ।

ତେବେ ଅସଲି ନେତୃତ୍ୱ ଖୋଜାଣରେ ପ୍ରତ୍ୟେକ ଭାରତୀୟ ବ୍ରତୀ ହେବା ବର୍ତ୍ତମାନ ସମୟର ଏକ ବଳିଷ୍ଠ ଆହ୍ୱାନ ।

# ଖୁବଶୀଘ୍ର ଛତ୍ରପୁର ସହରକୁ ମ୍ୟୁନିସିପାଲଟି ଭାବେ ଘୋଷଣା କରିବାକୁ ନାଗରିକ କମିଟିର ଦାବୀ




ଛତ୍ରପୁର, (ନିପ୍ର) : ଛତ୍ରପୁର ସହରର ବିଭିନ୍ନ ସମସ୍ୟାକୁ ସମାଧାନ କରିବା ପାଇଁ ଅଣ୍ଟା ଭିଡିଲା ନାଗରିକ କମିଟି । ଏନେଇ ଶନିବାର ସ୍ଥାନୀୟ ପିଏନ୍‌ୟୁଏ କଲେଜ ପରିସରରେ ଅନୁଷ୍ଠିତ ଏକ ଆଲୋଚନା ବୈଠକରେ ଗୁରୁତ୍ୱାରୋପ କରାଯାଇଛି । ଆଲୋଚନା କରାଯାଇଥିବା ସହରର ବିଭିନ୍ନ ସମସ୍ୟାର ସମାଧାନ କରିବା ନିମନ୍ତେ ନାଗରିକ କମିଟି ପକ୍ଷରୁ ଏକ ଦାବୀପତ୍ର ଗଞ୍ଜାମ ଜିଲ୍ଲାପାଳଙ୍କୁ ପ୍ରଦାନ କରାଯିବ ବୋଲି ଶନିବାର ସନ୍ଧ୍ୟାରେ ଅନୁଷ୍ଠିତ ବୈଠକରେ ନିଷ୍ପତ୍ତି ହୋଇଛି । ସବୁ କ୍ଷେତ୍ରରେ ଯୋଗ୍ୟତା ଭିତ୍ତିକ ତଥା ସମସ୍ତ ଭିତ୍ତିଭୂମିର ରୂପରେଖ ନିରୂପଣ ହୋଇଥିଲେ ମଧ ଭାରତବର୍ଷର ପ୍ରଥମ ବ୍ରିଟିଶ ସାମ୍ରାଜ୍ୟାଧୀନ ଜିଲ୍ଲା ହେଡକ୍ୱାର୍ଟର ତଥା ସଦରମହକୁମା ଛତ୍ରପୁର ଏନ୍‌ଏସିକୁ ମ୍ୟୁନିସିପାଲଟି ଭାବେ ଘୋଷଣା କରିବାରେ ରାଜ୍ୟ ସରକାର କୁଣ୍ଠାବୋଧ କରୁଥିବା ନେଇ ଛତ୍ରପୁର ନାଗରିକ କମିଟି ପକ୍ଷରୁ ଗଭୀର ଉଦବେଗ ପ୍ରକାଶ ପାଇଛି । ସହରର ପରିସୀମା ଓ ଜନସଂଖ୍ୟା, ଜନବସତି, କୋଠା, ଏପାର୍ଟମେଣ୍ଟ, କମ୍ପାନୀ, ଟୁରିଜମ ସ୍ପଟ ଆଦି ବୃଦ୍ଧି ପାଇଥିବା ବେଳେ ଏହି ସହରକୁ ମ୍ୟୁନିସିପାଲଟି କରିବା ପାଇଁ ପ୍ରଶାସନ ପଛଘୁଞ୍ଚା ଦେଇଛନ୍ତି ।

ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟକୁ ଜିଲ୍ଲା ହସ୍ପିଟାଲ ଭାବେ ମାନ୍ୟତା ଦିଆଯିବା, ଏହି ହସ୍ପିଟାଲକୁ ଦୈନିକ ସଡକ ଦୁର୍ଘଟଣାଜନିତ ରୋଗୀ ବହୁ ସଂଖ୍ୟାରେ ଆସିଥାନ୍ତି, ତେଣୁ ଏହି ହସ୍ପିଟାଲରେ ଆଇସିୟୁ ଓ ଟ୍ରୋମା ସେଣ୍ଟର ପ୍ରତିଷ୍ଠା କରାଯିବା ନିମନ୍ତେ ଦାବୀ ହୋଇଛି । ଛତ୍ରପୁର ସହରକୁ ୪ ଘଣ୍ଟା ଧରି ପାନୀୟ ଜଳଯୋଗାଣ ବ୍ୟବସ୍ଥା ଯୋଗାଇ ଦିଆଯିବା, ଡିଆରଡିଏ ଛକ ଓ କଲେଜଛକ ଠାରେ ଓଭରବ୍ରିଜ୍ ନିର୍ମାଣ ନ ହେବା ପର୍ଯ୍ୟନ୍ତ ଟ୍ରାଫିକ୍ ପୋଷ୍ଟ ସହ ପହରା ବ୍ୟବସ୍ଥା ଅବା ନିୟମିତ ପୁଲିସ ମୁତୟନ କରାଯିବା, ଜାତୀୟ ରାଜପଥରେ ପ୍ରମୁଖ ଛକ ମାନଙ୍କରେ ଯାନବାହନ ଗୁଡିକର ବେଗ ନିୟନ୍ତ୍ରଣ ସିଷ୍ଟମ ବ୍ୟବସ୍ଥା କରିବା, ଋଷିକୁଲ୍ୟା ଜଳସେଚନ ପ୍ରଣାଳୀ ଦ୍ୱାରା ପିଲିବନ୍ଧ ସମେତ ବିଭିନ୍ନ କେନାଲ ଗୁଡିକର ପୁନଃ ଉଦ୍ଧାର ବ୍ୟବସ୍ଥା କରିବା, ଜାତିର ପିତା ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତୀ ସ୍ଥାପନ କରିବା, ଦ୍ରୁତଗାମୀ ଟ୍ରେନ୍‌ର ରହଣି ବ୍ୟବସ୍ଥା, ଅନ୍ୟତ୍ର ସ୍ଥାନରେ ଥିବା ବିଭିନ୍ନ ବିଭାଗର ଜିଲ୍ଲା କାର୍ଯ୍ୟାଳୟକୁ ଛତ୍ରପୁର ସଦରମହକୁମାକୁ ଅଣାଯିବା, ସହ ସର୍ବୋପରି ଛତ୍ରପୁର ସହରର ବିକାଶ ନିମନ୍ତେ ଅନ୍ୟାନ୍ୟ ଦାବୀ ଉପରେ ଆଲୋଚନା ହୋଇଥିଲା । ଏହି ବୈଠକରେ ଛତ୍ରପୁର ଓକିଲ ସଂଘର ସଭାପତି ପ୍ରଦୀପ କୁମାର ପାଢୀ, ଶ୍ୟାମ ସୁନ୍ଦର ପଟ୍ଟନାୟକ, ଘନଶ୍ୟାମ ଚୌଧୁରୀ, ପ୍ରଫୁଲ୍ଲ କୁମାର ପଟ୍ଟନାୟକ, ସିମାଞ୍ଚଳ ନାହାକ, କାଳି ପ୍ରସାଦ ଦାଶ, ମନୋଜ କୁମାର ବେହେରା, ଅନାମ ଚନ୍ଦ୍ର ପ୍ରଧାନ, ସୋମନାଥ ସାହୁ, ପର୍ଶୁରାମ ଗୌଡ, କେ. ସତ୍ୟନାରାୟଣ ରେଡ୍ଡି, ଡି. ଆଦିନାରାୟଣ ରେଡ୍ଡି, ବାବୁ ନାହାକ, ଅରୁଣ କୁମାର ଶତପଥୀ, ଡ.ରାଜେନ୍ଦ୍ର କୁମାର ଦାଶ, ଦିଲ୍ଲୀପ କୁମାର ସାମଲ, ଅଜିତ କୁମାର ସେଠୀ, ରାମଚନ୍ଦ୍ର ବେହେରା, ଜି. ଶେଷୁ ରେଡ୍ଡି, ସୁଧୀର ସାହୁ, ଲକ୍ଷ୍ମୀ ନାରାୟଣ ପଣ୍ଡା, ରାଜେନ୍ଦ୍ର କୁମାର ସାହୁ, ସାମ୍ବାଦିକ ପ୍ରଶାନ୍ତ କୁମାର ମହାରଣା ପ୍ରମୁଖ ଉପସ୍ଥିତ ଥିଲେ ।

# ଆଲମାରୀ ବୋଝେଇ ଗାଡିରୁ ବାହରିଲା ୮୦ ଲକ୍ଷ ଟଙ୍କାର ଗଞ୍ଜେଇ



କୋରାପୁଟ, (ସ୍ୱପ୍ର) : ଆଲମାରୀ ବୋଝେଇ ଗାଡିରୁ ବାହରିଲା ୮୦ ଲକ୍ଷ ଟଙ୍କାର ଗଞ୍ଜେଇ ବୋଲି ଖବର ମଳିଛି । ସୂଚନା ଯୋଗ୍ୟ ଯେ, କୋରାପୁଟ ଜିଲ୍ଲା ବାଡେଲ ଅଞ୍ଚଳରୁ ଉତ୍ତରପ୍ରଦେଶକୁ ଗଞ୍ଜେଇ ଚାଲାଣ ହେଉଥିବା ବେଳେ କୌଣସି ସୂତ୍ରରୁ ପୋଲିସ ଖବର ପାଇ ଲମତାପୁଟ ଠାରୁ ୪ କିଲୋମିଟର ଦୂର ଚାଙ୍ଗୁଡିପଡା ଛକ ନିକଟରେ ନାକାବନ୍ଦୀ କରି ଆଲମାରୀ ବୋଝେଇ ଗାଡିରୁ ଗଞ୍ଜେଇ ଜବତ କରିଛି । ଜବତ ୮ଗୋଟି ଆଲମାରୀରୁ ବାହାରିଥିବା ୧୬୦ଟି ପକେଟରୁ ୮ ଶହ ୯ କେଜି ୬୦୦ଗ୍ରାମ ଗଞ୍ଜେଇ ସହ ଉତ୍ତରପ୍ରଦେଶ ପଞ୍ଜିକୃତ ଗାଡିରୁ ଗଞ୍ଜେଇ ଜବତ ହୋଇଛି । ଜବତ ଗଞ୍ଜେଇର ଆନୁମାନିକ ମୁଲ୍ୟ ୮୦ ଲକ୍ଷ ଟଙ୍କା ହେବ ବୋଲି କୁହାଯାଇଛି । ଏହି ମାମଲାରେ ପୁଲିସ ଉତ୍ତରପ୍ରଦେଶ ଅଞ୍ଚଳର ଯଶବନ୍ତ ସିଂ ଓ ହରେନ୍ଦ୍ର ସିଂକୁ ଗିରଫ କରିଛି । ତା'ସହ ୨ଟି ମୋବାଇଲ ଫୋନ ଓ ଆଧାର କାର୍ଡକୁ ମଧ୍ୟ ଜବତ କରିଛି ପୁଲିସ ।



‘କୋଶଳ ପ୍ରବାହ’ର ମୁଖ୍ୟ ସହଯୋଗୀ ତଥା ଜୟଶ୍ରୀ ପ୍ରିଣ୍ଟର୍ସର ପ୍ରାଣ ପ୍ରତିଷ୍ଠାତା ପ୍ରସନ୍ନ କୁମାର ଗିରିଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରୁଥିବା ଅବସରରେ

# ବ୍ଲକର ବିଭିନ୍ନ ସ୍କୁଲରେ ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ଯୋଗଦାନ





ସଇଁନ୍ତଲା, (ନିପ୍ର) : ରାଜ୍ୟ ସରକାର ଅବହେଳା ଯୋଗୁଁ ଦୀର୍ଘ ବର୍ଷ ହେବ ଅନେକ ସ୍କୁଲରେ ଶିକ୍ଷକ ଶିକ୍ଷୟିତ୍ରୀ ଓ ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ପଦବୀ ଖାଲି ପଡ଼ିଛି, ଯାହା ଫଳରେ ଅନେକ ଥର ସ୍ଥାନୀୟ ଜନସାଧାରଣ ଜିଲ୍ଲା ପ୍ରଶାସନଙ୍କୁ ଅନକେ ଥର ଦାବୀ ମଧ୍ୟ କରି ଆସୁଥିଲେ । ହେଲେ ଦୀର୍ଘ ବର୍ଷ ପରେ ଏବେ ବଲାଙ୍ଗିର ଜିଲ୍ଲା ସଇଁନ୍ତଲା ବ୍ଲକର ବିଭିନ୍ନ ସ୍କୁଲରେ ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ଯୋଗଦାନ ଦେଇଥିବା ବେଳେ ସ୍ଥାନୀୟ ଅଭିଭାବକ ମହଲରେ ଉତ୍ସାହିତ ଦେଖିବାକୁ ମିଳିଛି । ତେବେ ବ୍ଲକର ସ୍ଥାନୀୟ ବାଳିକା ବିଦ୍ୟାଳୟରେ ଗଣିତ ଶିକ୍ଷୟତ୍ରୀ ଭାବରେ ଜୋସ୍ନାମୟୀ ତ୍ରିପାଠୀ କାର୍ଯ୍ୟଭାର ତୁଲାଉ ଥିଲେ । କିନ୍ତୁ ତାଙ୍କୁ କଅଁସର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଭାବରେ ପଦୋନ୍ନତି ଦିଆଯାଇଛି । ତେବେ ସ୍କୁଲର ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀମାନେ ଉପଢୌକନ ଓ ଫୁଲଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ । ସେହିପରି ସରୋଜ ମିଶ୍ରଙ୍କୁ କେରମେଲି ହାଇସ୍କୁଲ, ଅଭିମନ୍ୟୁ ସାହୁଙ୍କୁ ଘୁନସର ହାଇସ୍କୁଲ, ଚାଣ୍ଡାଲ ମିଶ୍ରଙ୍କୁ ଡେଙ୍ଗ ହାଇସ୍କୁଲ, ଦୂତି କୃଷ୍ଣ ପଧାନଙ୍କୁ କରମତଲା ହାଇସ୍କୁଲରେ ପ୍ରଧାନ ଶିକ୍ଷକ ଭାବରେ ଦାୟିତ୍ୱ ଦିଆଯାଇଥିବା ବେଳେ ଜିଲ୍ଲା ଶିକ୍ଷା ବିଭାଗର ଦୀର୍ଘ ବର୍ଷ ପରେ ପଦବୀ ଗୁଡ଼ିକ ପୂରଣ ହେବା ପରେ ଅଭିଭାବକ ମାନେ ଜିଲ୍ଲା ପ୍ରଶାସନଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

# ଓଡିଶା ଷ୍ଟାଫ ସିଲେକ୍ସନ କମିଶନରେ ମହା ଦୁର୍ନୀତିରେ ଛାତ୍ର କଂଗ୍ରେସର ବିକ୍ଷୋଭ ପ୍ରଦର୍ଶନ



ଅନୁଗୋଳ : ଓଡିଶା ଷ୍ଟାଫ ସିଲେକ୍ସନରେ ହୋଇଥିବା ମହା ଦୁର୍ନୀତି ପ୍ରତିବାଦରେ ଓଡିଶା ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜଙ୍କ ଆହ୍ୱାନ କ୍ରମେ ଜିଲ୍ଲା ଛାତ୍ର କଂଗ୍ରେସ ପ୍ରଭାରୀ ବିଭୂପ୍ରସାଦ ଜେନାଙ୍କ ଉପସ୍ଥିତିରେ ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ବିଶ୍ୱରଞ୍ଜନ ପାଣିଗ୍ରାହୀଙ୍କ ନେତୃତ୍ୱରେ ବକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଛାତ୍ର କଂଗ୍ରେସ କର୍ମକର୍ତ୍ତା ମାନେ କଂଗ୍ରେସ ଭବନ ଠାରୁ ଶୋଭାଯାତ୍ରାରେ ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲେ ଏବଂ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କୁଶପୁତ୍ତଳିକା ଦାହ କରିଥିଲେ । ‘ପଇସା ଦିଅ, ଚାକିରି ନିଅ’ ନିଯୁକ୍ତି ଦୁର୍ନୀତିର ଚେର ସଚିବାଳୟର ତୃତୀୟ ମହଲା ପର୍ଯ୍ୟନ୍ତ ଲମ୍ବିଛି । କେବଳ ଜଣେ କିରାଣୀକୁ ଧରି ସରକାର ବିରାଟ ମହା ଦୁର୍ନୀତିକୁ ଚାପିବା ପାଇଁ ଚାହୁଁଛି ଏହାକୁ ଛାତ୍ର କଂଗ୍ରେସ ନିନ୍ଦା କରିବା ସହ ଏହାର ନିରପେକ୍ଷ ତଦନ୍ତ ପାଇଁ ଦାବୀ କରିଛି ।

# ବିଶ୍ୱ ଆଦିବାସୀ ଦିବସରେ ୧୧ ଦଫା ଦାବୀକୁ ନେଇ ବିଡିଓଙ୍କ ଜରିଆରେ ରାଜ୍ୟପାଳଙ୍କୁ ଦାବୀପତ୍ର ଦେଲେ ଆଦିବାସୀ ସଂଘ

କର୍ଲାମୁଣ୍ଡା, (ନିପ୍ର) : କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ଶିଶୁମନ୍ଦିର ଠାରୁ ବିରାଟ ଶୋଭାଯାତ୍ରା କରି ତହସିଲ ଅଫିସ ଓ ବ୍ଲକ ପର୍ଯ୍ୟନ୍ତ ବାହାରି ଆଦିବାସୀ ସଂଘ କର୍ଲାମୁଣ୍ଡା ବ୍ଲକର ସଭାପତି ସୁରେନ୍ଦ୍ର ଭୋଇଙ୍କ ନେତୃତ୍ୱରେ ୧୧ ଗୋଟି ସମସ୍ୟାକୁ ନେଇ ମହାମହିମ ରାଜ୍ୟପାଳ ଓଡିଶାଙ୍କୁ ବିଡିଓଙ୍କ ଜରିଆରେ ପ୍ରଦାନ କରାଯାଇଛି । ଏ ଅବସରରେ ଗୋବର୍ଦ୍ଧନ ଭୋଇ ସଭାପତି କର୍ଲାମୁଣ୍ଡା ବ୍ଲକ କନ୍ଧ ସମାଜ, ପ୍ରକାଶ ମାଝୀ ଉପସଭାପତି ଜିଲ୍ଲା କନ୍ଦସମାଜ କଳାହାଣ୍ଡି, ମଧୁସୂଦନ ଧରୁଆ ସଭାପତି ଆଦିବାସୀ କର୍ମଚାରୀ ସଂଘ କର୍ଲାମୁଣ୍ଡା ବ୍ଲକ, ରାଜକିଶୋର ମାଝୀ ଉପସଭାପତି ଅସୁରଗଡ଼ କମିଟି ନର୍ଲା, ପରଧିଆ ଧରୁଆ ସଭାପତି ଗଣ୍ଡୱାନା ସଂଘ କର୍ଲାମୁଣ୍ଡା ବ୍ଲକ, ନନ୍ଦି କିଶୋର ଭୋଇ ସଭାପତି ଯୁବ ସଂଗଠକ କର୍ଲାମୁଣ୍ଡା ବ୍ଲକ ଡମ୍ବରୁ ମାଝୀ, ତରୁଣ ଯାନୀ, ପ୍ରଦୀପ ମାଝୀ, ଇଂ ପ୍ରକାଶ ଚ଼ନ୍ଦ୍ର ଭୋଇ, ଜଳନ୍ଧର ଭୋଇ, ନୀଳମାଧବ ଭୋଇ, ରମାକାନ୍ତ ଭୋଇ ଯୋଗଦେଇ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ବିଡ଼ିଓଙ୍କୁ ଏଗାର ଦଫା ଦାବୀପତ୍ର ଯଥା ଅଗଷ୍ଟ ୯ ତାରିଖ ବିଶ୍ୱ ଆଦିବାସୀ ଦିବସକୁ ସରକାରୀ ଛୁଟି ଘୋଷଣା, ଶହୀଦ ରେଣ୍ଡୋ ମାଝୀଙ୍କୁ ସ୍ୱାଧିନତା ସଂଗ୍ରାମୀ ମାନ୍ୟତା, କଳାହାଣ୍ଡି ଜିଲ୍ଲା ମେଡିକାଲ କଲେଜକୁ ସହିଦ ରେଣ୍ଡୋ ମାଝୀଙ୍କ ନାମରେ ନାମିତ, ଅଣ ଆଦିବାସୀ ପ୍ରମାଣ ପତ୍ରରେ କରୁଥିବା ଚାକିରିର ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ, ଆଗାମୀ ଜନଗଣନାରେ ଆଦିବାସୀ ମାନଙ୍କ ପାଇଁ ସ୍ୱତନ୍ତ୍ର ଧର୍ମ, ଆଦିବାସୀ ଜମିକୁ ଆଦିବାସୀ ମାନେ ଚଂଚକତା କରି କ୍ରୟ କରୁଥିବାରୁ ତାହାର ଉପଯୁକ୍ତ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ, ମ.ରାମପୁର ବ୍ଲକକୁ ସବ୍‌ଡିଭିଜନ ମାନ୍ୟତା, ଏସଇସିସି ତାଲିକାରୁ ବାଦ ପଡିଥିବା ବାସହୀନ ଯୋଗ୍ୟ ଆଦିବାସୀ ପରିବାରକୁ ଆବାସ ଯୋଜନା ତୁରନ୍ତ ଅନ୍ତର୍ଭୁକ୍ତ, ରାହୁଲ ଉତେଇ ନଦୀର ସଂଯୋଗୀକରଣ, କର୍ଲାମୁଣ୍ଡା ବ୍ଲକ ଜଂଗଲ ଅଧିକାର ଆଇନ ୨୦୦୬କୁ ସଂପୁର୍ଣ୍ଣ ରୂପେ ଗ୍ରହଣ ଓ ୬୦ ବର୍ଷ ଉକ୍ତବ୍ୟକ୍ତି ମାନଙ୍କୁ ଚ଼ିହ୍ନଟ କରାଯାଇ ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ କରିବା ଆଦି ଦାବୀ ଗୁଡିକକୁ ନେଇ ଦାବୀପତ୍ର ପ୍ରଦାନ କରିଥିଲେ । କର୍ଲାମୁଣ୍ଡା ବ୍ଲକର ଆଦିବାସି ସଂଘର ସମସ୍ତ କାର୍ଯ୍ୟକର୍ତା ଉପସ୍ଥିତି ରହି ଶାନ୍ତି ଶୃଖଂଳାର ସହ ଦାବୀପତ୍ର ଦେଇଥିଲେ ।

ସର୍ବ ଶେଷରେ ସମସ୍ତ ମିଳିତ ଆଦିବାସୀ ସଂଘ ତରଫରୁ ସଂଘ ପାଇଁ ଯେଉଁମାନେ ସବୁବେଳେ କାର୍ଯ୍ୟରତ ସେହି ଦୁଇ ମହାନ ଯୁବ ବ୍ୟକ୍ତିତ୍ୱ ଆଦିବାସୀ ଯୁବ ସଂଗଠକ ସଭାପତି ନନ୍ଦି କିଶୋର ଭୋଇ କର୍ଲାମୁଣ୍ଡା ବ୍ଲକ ଓ ନର୍ଲା ବ୍ଲକ ଯୁବ ସଂଗଠକ ସଭାପତି ଗଜପତି ମାଝୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

# କ୍ୟାନ୍‌ସର୍ ପୀଡିତା ସୁନିତା ସୁନାଙ୍କ ପରିବାର ଲୋକଙ୍କୁ ରାସନ ସାମଗ୍ରୀ ପ୍ରଦାନ




ବରଗଡ, (ନିପ୍ର) : ଲାୟନ୍ସ କ୍ଲବ ଥୁଆପଲିର ସଦସ୍ୟ ବରଗଡ଼ ୧୫ନମ୍ବର ୱାର୍ଡରେ ବସବାସ କରୁଥିବା କ୍ୟାନ୍ସର ପୀଡିତା ସୁନିତା ସୁନାଙ୍କ ପରିବାର ଲୋକଙ୍କୁ ଏକ ମାସର ରାସନ ସାମଗ୍ରୀ ପ୍ରଦାନ କରିଥିବା ସୂଚନା ମିଳିଛି । ‘କୋଶଳ ପ୍ରବାହ’ ସହ ବିଭିନ୍ନ ଗଣ ମାଧ୍ୟମରେ ଖବର ପ୍ରସାରିତ ହେବା ପରେ ଲାୟନ୍ସ କ୍ଲବ ଥୁଆପାଲି ଉକ୍ତ ପରିବାରର ସମସ୍ୟା ବିଷୟରେ ଅବଗତ ହୋଇଥିଲେ ଓ ତାଙ୍କୁ ଏକ ମାସର ରାସନ ଯୋଗାଇ ଦେବେ ବୋଲି ଆଲୋଚନା କରିଥିଲେ । ଲାୟନ୍ସ ସଦସ୍ୟ ସୁନୀଲ ବାଙ୍କା, ଦୀପକ ଅଗ୍ରୱାଲ ଓ ରଶ୍ମି ପାଢ଼ୀ ପ୍ରମୁଖ ଥୁଆପାଲିରୁ ବରଗଡ଼ ଆସି ଉକ୍ତ ଅସହାୟ ପରିବାରରକୁ ଏକ ମାସର ରାସନ ସାମଗ୍ରୀ ଯୋଗାଇ ଦେଇଥିଲେ । କେବେ କାହାରି ପାଖରେ ହାତ ପତାଇ ନଥିବା ମିଥିଲା ସୁନାଙ୍କ ପରିବାର ଆଜି ରାସନ ସାମଗ୍ରୀ ଗ୍ରହଣ କଲା ବେଳେ କାନ୍ଦି ପକାଇ ଥିଲେ ମା' ମିଥିଲା ସୁନା । ପରିସ୍ଥିତି ଆଜି ତାଙ୍କୁ ବାଧ କରିଛି ଏସବୁ ନେବା ପାଇଁ ବୋଲି ସେ କହିଥିଲେ ଓ ରାସନ ସାମଗ୍ରୀ ଯୋଗାଇ ଦେଇଥିବା ସଦସ୍ୟଙ୍କ ଠାରେ ଚିର ଋଣୀ ରହିବେ ବୋଲି କହିଥିଲେ । ଏ ଜନ୍ମରେ ଆଉ ଏ ଉପକାର ସୁଝି ପାରିବେ ନାହିଁ ବୋଲି ମିଥିଲା ସୁନା କାନ୍ଦି କାନ୍ଦି କହିଥିଲେ । ପ୍ରକୃତରେ ଦେଖିବାକୁ ଗଲେ ଲାୟନ୍ସ କ୍ଲବର ଏପରି କାର୍ଯ୍ୟକୁ ବିଭିନ୍ନ ମହଲରେ ପ୍ରସଂଶା କରାଯାଇଛି ।

# ଚଳିତ ବର୍ଷ ବେଷ୍ଟ୍ ରିପୋର୍ଟର ଆୱାର୍ଡ ଗ୍ରହଣ କରିଥିବା ତିନିଜଣ ଯୁବ ସାମ୍ବାଦିକ ଦେବାଶିଷ ମିଶ୍ର, ନିରୋଜ କୁମାର ପାଣୀ ଓ ଅଜିତ କୁମାର ସାହୁ







# ଗୁଜୁରାଟୀ ଝିଅଙ୍କ ଗଞ୍ଜାମ ଶ୍ରମିକ ପୁଅ ସହ ପ୍ରେମ : ପ୍ରେମ ପରେ ଧୋକାବାଜି, ପ୍ରେମିକା ଗଞ୍ଜାମ ଏସପିଙ୍କ ଦ୍ୱାରସ୍ଥ

ବ୍ରହ୍ମପୁର, (ନିପ୍ର) : ଏକ ଲଭ୍, ସେକ୍ସ ଓ ଧୋକ୍କାର କରୁଣ ପରିସ୍ଥିତି ଲୋକଲୋଚନକୁ ଆସିଛି । ନ୍ୟାୟ ପାଇବା ପାଇଁ ସୁରଟ୍‌ରୁ ଟ୍ରେନ ଯୋଗେ ଓଡିଶା ଆସି ରେଳବାଇ ପୋଲିସର ସହଯୋଗ ନେଇ ଗଞ୍ଜାମ ଏସପିଙ୍କ ଦ୍ୱାରସ୍ଥ ହୋଇଛନ୍ତି ସୁରଟର ତରୁଣୀ ମମତା ବେନ୍ । କଥାଟା ବାସ୍ତବିକ ଯେତିକି, ନିଆରା ସେତିକି । ସୁରଟର ଯୁବତୀ ଜଣକ ଲିଖିତ ଓ ମୌଖିକ ଭାବେ ଦେଇଥିବା ବୟାନ ଅନୁଯାୟୀ ସ୍ୱଷ୍ଟ ଯେ, ବିବାହର ପ୍ରତିଶୃତି ଦେଇ ଶାରିରୀକ ସଂପର୍କ ରଖିବା ପରେ ପ୍ରେମିକାକୁ ଛାଡି ଶ୍ରମିକ ଓଡ଼ିଆ ପୁଅ ଓଡିଶା ପଳାୟନ କରି ଆସିଛି । ଗଞ୍ଜାମର ଚାଲାଖ ଚତୁର ବଗୁଲିଆ ଶ୍ରମିକ ଟୋକା ଭାବିଥିଲା- 'ସେ ଝିଅ, ମୋର ସେ କିଛି କରିପାରିବନି । ମୁଁ ତ ଗଞ୍ଜାମୀୟା, ସେ ତ ଗୁଜୁରାଟୀ । ମୋ ଦେଶକୁ ମୁଁ ଚାଲିଗଲେ, ସେ କଣ ମୋତେ ଧରି ପାରିବ ?' ବିଚାରି ଗୁଜୁରାଟୀ ତରୁଣୀ ଯୁବକଙ୍କୁ ଖୋଜିବାକୁ ଚାଲି ଆସିଛନ୍ତି ଟ୍ରେନ୍ ଚଢ଼ି ସୁରଟରୁ ଭୁବନେଶ୍ୱର । ଖୋଜି ଖୋଜି ଓଡିଶା ଆସିଯାଇଛନ୍ତି, ଗୁଜୁରାଟୀ ଝିଅ ଖୋଦ୍ ଗଞ୍ଜାମ ଅଂଚଳକୁ ପ୍ରେମିକର ଗାଁ ପର୍ଯ୍ୟନ୍ତ । ଗୁଜୁରାଟ ରାଜ୍ୟ ସୁରଟ ସହର ନିକଟ ଆମୋରୋଲି ଅଂଚଳର ଝିଅ ମମତା ବେନ୍ । ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗର ଥାନା ଅନ୍ତର୍ଗତ ବଡଆଗୁଳା ଗ୍ରାମର ଶ୍ରମିକ ପୁଅ ଅରେନ୍ଦ୍ର କରଣ । ଏହି ଝିଅଙ୍କୁ ବିବାହର ପ୍ରଲୋଭନ ଦେଖାଇ ତାଙ୍କ ସହ ଶାରିରୀକ ସଂପର୍କ ରଖି ଓଡିଶା ପଳେଇ ଆସିବା ପରେ ପ୍ରେମିକ ଅରେନ୍ଦ୍ର କରଣଙ୍କ ଅନ୍ୟତ୍ର ବିବାହ ହେଉଥିବା




ସୂଚନା ପାଇ ମମତା ଓଡିଶା ଆସି ଗତ ଜୁଲାଇ ୧୭ ତାରିଖ ଦିନ କବିସୂର୍ଯ୍ୟନଗର ଥାନାର ଦ୍ୱାରସ୍ଥ ହୋଇଥିଲେ । କିନ୍ତୁ ସେଠାରେ ତାଙ୍କୁ ଉଚିତ୍ ନ୍ୟାୟ ନ ମିଳିବାରୁ ସେ ପୁଣି ଗଞ୍ଜାମ ଏସପିଙ୍କ ଦ୍ୱାରସ୍ଥ ହୋଇଛନ୍ତି । ଦାୟିତ୍ୱାଧୀନରେ ଥିବା ଅତିରିକ୍ତ ଏସପି ଠାକୁର ପ୍ରସାଦ ପାତ୍ରଙ୍କୁ ଝିଅ ଭେଟିଥିଲେ । ସେ ଏକ ଲିଖିତ ଅଭିଯୋଗପତ୍ର ଦେଇ ଗୁହାରି କରିଛନ୍ତି । ଅନ୍ୟ ପଟେ ଘଟଣାର ତଦନ୍ତ କରାଯାଇ ଦୋଷୀଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏହି ଗୁଜୁରାଟୀ ଯୁବତୀଙ୍କୁ ଅତିରିକ୍ତ ଏସପି ଶ୍ରୀ ପାତ୍ର ଗଣମାଧ୍ୟମ ପ୍ରତିନିଧିଙ୍କ ଆଗରେ କହିଛନ୍ତି । ତେବେ ପ୍ରେମିକଙ୍କ ବିରୁଦ୍ଧରେ ଅଭିଯୋଗ କରିଥିବା ଅଣ-ଓଡିଆ ଯୁବତୀ(ପ୍ରେମିକା) ମମତା ନ୍ୟାୟ ପାଇଁ ଅପେକ୍ଷାରେ ରହିଥିଲେ ସୁଦ୍ଧା ଏପର୍ଯ୍ୟନ୍ତ କବିସୂର୍ଯ୍ୟନଗର ପୋଲିସ୍ ପ୍ରେମିକକୁ ଗିରଫ୍ କରିବାରେ କୌଣସି ପଦକ୍ଷେପ ନେଇନାହାନ୍ତି । ତେଣୁ ଝିଅ ଅତ୍ୟନ୍ତ ଦୁଃଖ ଓ କ୍ଷୋଭ ପ୍ରକାଶ କରିଛନ୍ତି । ପ୍ରେମିକା ଜଣେ ଅଣ-ଓଡିଆ ହୋଇଥିବାରୁ, ତାଙ୍କୁ କେହି ସାହାଯ୍ୟ ଓ ସହଯୋଗ କରିବାକୁ ତାଙ୍କର କେହି ନାହାନ୍ତି । ତେଣୁ ତାଙ୍କୁ ଜୀବନରୁ ମାରିଦେବା ନିମନ୍ତେ ଧମକ ଦିଆଯାଉଥିବା ବିଷୟରେ ସେ ବ୍ୟକ୍ତ କରିଛନ୍ତି ।

ପ୍ରେମ ପାଗଳିନୀ ମମତା ବେନ୍ ପ୍ରେମ ପାଇଁ ବୋଲି ନିଜ ଜୀବନକୁ ବାଜି ଲଗାଇ ଆଜି ନିଜ ଘର ପରିବାର, ଜ୍ଞାତି କୁଟୁମ୍ବକୁ ପରକରି ଆସିଥିବାରୁ ଆଜି ଏଭଳି ଦୁର୍ଦ୍ଦଶା ଭୋଗିବାକୁ ପଡ଼ିଛି । ସେ ପୁଅ ସହ ବିବାହ ସ୍ୱୀକୃତିର ନ୍ୟାୟ ଭିକ୍ଷା କରିଛନ୍ତି ପ୍ରଶାସନକୁ । ଯଦି ତାଙ୍କୁ ଉପଯୁକ୍ତ ନ୍ୟାୟ ନ ମିଳେ ତେବେ ସେ ନିଜ ପ୍ରେମିକଙ୍କ ଘର ସାମ୍ନାରେ ଆତ୍ମହତ୍ୟା କରିବେ ବୋଲି ମମତା ଗଞ୍ଜାମ ପୋଲିସ ପ୍ରଶାସନ ଆଗରେ ଧମକ ଦେଇ କହିଛନ୍ତି ।

# 'କୋଶଳ ପ୍ରବାହର ପ୍ରଭାବ' : ୨ ଦିବ୍ୟାଙ୍ଗଙ୍କୁ ମିଳିଲା ସରକାରୀ ଭତ୍ତା

ବରଗଡ, (ନିପ୍ର) : ରାଜ୍ୟ ସରକାର ଗରିବ ଲୋକଙ୍କ ପାଇଁ ସରକାରୀ ସ୍ତରରେ ବିଭିନ୍ନ ଯୋଜନା କରିଥିଲେ ମଧ୍ୟ ଲୋକଙ୍କ ସଚେତନତା ଅଭାବରୁ ପ୍ରକୃତ ହିତାଧିକାରୀ ଏହାର ସୁବିଧା ସୁଯୋଗ ପାଇ ପାରୁନାହାନ୍ତି । ଏମିତି କିଛି ଘଟଣା ଦେଖିବାକୁ ମିଳିଥିଲା ବରଗଡ ଜିଲ୍ଲା ଅମ୍ବାଭୋନା ବ୍ଲକ ଅମ୍ବାଭୋନା ଗ୍ରାମର ରାମଚନ୍ଦ୍ର ବାଗ ଏବଂ ଫୁଲମତି ଦାସଙ୍କ କ୍ଷେତ୍ରରେ । ଅମ୍ବାଭୋନା ସଦର ଗ୍ରାମର ରାମଚନ୍ଦ୍ର ବାଗ ବୟସ ୩୮, ଏକ ଆକସ୍ମିକ ଦୁର୍ଘଟଣା ତାଙ୍କର ଜୀବନକୁ ସଂପୂର୍ଣ୍ଣ ରୂପେ ଉଜାଡି ଦେଇଥିଲା ଏବଂ ସେ ଦିବ୍ୟାଙ୍ଗ ହୋଇ ଯାଇଥିଲେ ।

ଆଉ ଏକ ଘଟଣା, ଅମ୍ବାଭୋନା ଗ୍ରାମର ଅସହାୟ ମହିଳା ଫୁଲମତୀ ଦାସ, ତାଙ୍କୁ ଜିଲ୍ଲା ସ୍ୱାସ୍ଥ୍ୟ ସେବା ଅଧିକାରୀ ୨୦୦୭ ମସିହାରୁ ଭିନ୍ନକ୍ଷମର ପରିଚୟ ଦେଇଥିଲେ ମଧ୍ୟ, ବିଡମ୍ବନାର ବିଷୟ ଯେ, ସେ ସରକାରୀ ଭତ୍ତା ପାଇବାରୁ ବଞ୍ଚିତ ରହିଥିଲେ । 'କୋଶଳ ପ୍ରବାହ'ରେ ଏ ସଂପର୍କରେ ନ୍ୟୁଜ ପରିବେଷଣ ପରେ ଉଭୟ ଘଟଣାଟି ଅମ୍ବାଭୋନା ଗ୍ରାମର ଯୁବ ସ୍ୱେଚ୍ଛାସେବୀ ଅଭୟ କୁମାର ପଣ୍ଡାଙ୍କ ନଜରରେ ଆସିଥିଲା, ପରେ ସେମାନଙ୍କୁ ସରକାରୀ ସ୍ତରରେ ଭତ୍ତା ଯୋଗାଇ ଦେବାକୁ



ବରଗଡ ଜିଲ୍ଲା ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ଶସକ୍ତିକରଣ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ଏବଂ ଅମ୍ବାଭୋନା ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତର କମଳ ପ୍ରସାଦ ମଲ୍ଲିକଙ୍କ ସହଯୋଗରେ ସେମାନଙ୍କ ମେଡ଼ିକାଲ ପ୍ରମାଣ ପତ୍ର ତିଆରି କରି ସମସ୍ତ ସରକାରୀ କାଗଜପତ୍ର ସହ ତାଙ୍କୁ ସରକାରୀ ସ୍ତରରେ ଭତ୍ତା ପ୍ରଦାନ କରିବାକୁ ବ୍ଲକ ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତିକରଣ ଅଧିକାରୀଙ୍କୁ ଅନୁରୋଧ କରିଥିଲେ । ଅଭୟଙ୍କ ଏହି ଅନୁରୋଧକୁ ରକ୍ଷା କରି ରାମଚନ୍ଦ୍ର ଏବଂ ଫୁଲମତୀଙ୍କୁ ମଧୁବାବୁ ଭତ୍ତା ପ୍ରଦାନ କରାଯାଇଛି । ଉଭୟ ଫୁଲମତୀ ଓ ରାମଚନ୍ଦ୍ରଙ୍କ ପରିବାର ତରଫରୁ କୋଶଳ ପ୍ରବାହ ପରିବାର ଓ ଅଭୟଙ୍କ ବଦାନ୍ୟତା ପାଇଁ



ତାଙ୍କୁ ସାଧୁବାଦ ସହ ଶୁଭାଶିଷ ଦିଆଯାଉଥିବା ବେଳେ ଅଂଚଳରେ ଏହି ମହତ୍ କାର୍ଯ୍ୟ ପାଇଁ ଖୁବ୍ ପ୍ରଶଂସା କରାଯାଉଛି ।

# ଗାୟତ୍ରୀ ପରିବାର ପକ୍ଷରୁ ଉଦୟନାଥ ମନ୍ଦିର ପରିସରରେ ବୃକ୍ଷ ରୋପଣ

ଗଞ୍ଜାମ, (ନିପ୍ର) : ବିରୁଳି ରାଜାଙ୍କ ଦ୍ୱାରା ପ୍ରତିଷ୍ଠିତ ଶୈବପୀଠ ଉଦୟନାଥ ମନ୍ଦିର ପରିସରରେ ଗାୟତ୍ରୀ ପରିବାର ବିଶ୍ୱମଙ୍ଗଳ ଗୋ' କଲ୍ୟାଣ ସମିତି ରମ୍ଭା, ପତଞ୍ଜଳି ଯୋଗ ସମିତି ରମ୍ଭା, ଖଲିକୋଟ ବନ ବିଭାଗ ଓ ବନ୍ୟପ୍ରାଣୀ ବନାଂଚଳ ରମ୍ଭାର ମିଳିତ ସହଯୋଗରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପ୍ରକୃତି ଓ ପରିବେଶର ସୁରକ୍ଷା ତଥା ଏକ ସବୁଜମୟ ପରିବେଶରେ ପ୍ରାକୃତିକ ଅମ୍ଳଜାନ ଗ୍ରହଣ କରି ନିଜକୁ ବିଭିନ୍ନ ଦୁରାରୋଗରୁ ଦୂରେଇ ରଖିବା ପାଇଁ ବୃକ୍ଷ ରୋପଣ କରାଯାଇଥିଲା । ରମ୍ଭା ସହରର ନିକଟବର୍ତ୍ତୀ ଜାତୀୟ ରାଜପଥ ଠାରୁ ୨ କି.ମି. ଦୂରରେ ବନ ପାହାଡ଼ ଘେରା ମନୋରମ ପରିବେଶରେ ଅବସ୍ଥିତ ଏହି ମନ୍ଦିର ପରିସରସରେ ଆୟୋଜିତ ବୃକ୍ଷ ରୋପଣ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରମ୍ଭା ବିଜ୍ଞାପିତ ଅଂଚଳ ପରିଷଦର ପ୍ରାକ୍ତନ ନଗରପାଳ ସୁବାସ ଚନ୍ଦ୍ର ପଣ୍ଡା, ସମ୍ମାନିତ ଅତିଥି ଭାବେ ରମ୍ଭା ବନ୍ୟପ୍ରାଣୀ ବନାଂଚଳ



ଅଧିକାରୀଣୀ ଶ୍ରୀମତୀ ରଶ୍ମିତା ଜେନା, ପତଞ୍ଜଳି ଯୋଗଗୁରୁ ରବୀନ୍ଦ୍ର ବେହେରା, ଗଞ୍ଜାମ ଜିଲ୍ଲା ପବ୍ଲିକ ରାଇଟସ ଆସୋସିଏସନ୍‌ର ସଭାପତି ଭୀମସେନ ବେହେରା ଯୋଗଦେଇ କରୋନା କାଳରେ ବୃକ୍ଷ ରୋପଣ ପାଇଁ ସାମାଜିକ ଅନୁଷ୍ଠାନ ଗୁଡିକ ତରଫରୁ ନିଆଯାଉଥିବା ପଦକ୍ଷେପକୁ ପ୍ରଶଂସା କରିବା ସହ ବୃକ୍ଷ ପ୍ରେମୀଙ୍କୁ ଉତ୍ସାହିତ କରିଥିଲେ । ଗାୟତ୍ରୀ ପରିବାର ବିଶ୍ୱମଙ୍ଗଳ ଗୋ'କଲ୍ୟାଣ ସମିତିର ପ୍ରକୃତି ପ୍ରେମୀ ପଂଚାନନ ଖଟୁଆ ଓ ପ୍ରକୃତି ବନ୍ଧୁ ଶିକ୍ଷକ ଶେଷଦେବ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଖଲିକୋଟ ରେଞ୍ଜର ବନ କର୍ମଚାରୀ ନିରାକାର ବେହେରା, ପତଞ୍ଜଳି ଯୋଗ ସମିତି ପକ୍ଷରୁ ଏମ୍.ଅକ୍ଷୟ ସୁବୁଦ୍ଧି, ଶିକ୍ଷକ ନିରଞ୍ଜନ ବେହେରା, ତ୍ରିନାଥ ବେହେରା, ମୋଚିରାମ ବେହେରା, ସମୀର ଅଧିକାରୀ, ଆନନ୍ଦ ସାହୁ, ସୁଦର୍ଶନ ଜେନା, ଅରୁଣ ବାରିକ, ରାଘବ ବେହେରା, ନିରାକାର ବେହେରା, ବାଦଲ ମହାପାତ୍ର, ଉଦୟନାଥ ମନ୍ଦିର ପରିଚାଳନା କମିଟି ସଭ୍ୟ ତ୍ରିନାଥ ସାହୁ, ନାରାୟଣ ବେହେରା, ପ୍ରଶାନ୍ତ କୁମାର ବେହେରା, ବନ କର୍ମଚାରୀ ଚିନ୍ତାମଣି ବେହେରା ଓ ଗଛ ମଣିଷ ଗିରିଧାରୀ ବେହେରା ପ୍ରମୁଖ ଯୋଗଦେଇ ମନ୍ଦିର ଚତୁଃପାର୍ଶ୍ୱରେ ବେଲ, ଅଁଳା, ପିଜୁଳି, ଡାଳିମ୍ବ, ଓଉ, ନଡ଼ିଆ, ପଣସ, ଜମୁକୋଳି, ଆମ୍ବ ଓ ଚନ୍ଦନ ଆଦି ପଚାଶରୁ ଅଧିକ ଚାରା ରୋପଣ କରିଥିଲେ ।

# ପଦ୍ମପୁର ଏସଡିପିଓ ଭାବେ ଯୋଗଦେଲେ ବିଭୁତିଭୁଷଣ ଭୋଇ



ପଦ୍ମପୁର, (ନିପ୍ର) : ପଦ୍ମପୁର ଉପଖଣ୍ଡ ପୋଲିସ ଅଧିକାରୀ ଭାବରେ ବିଭୂତି ଭୂଷଣ ଭୋଇ ଯୋଗଦାନ କରିଛନ୍ତି । ଏହା ପୂର୍ବରୁ ଥିବା ଅଧିକାରୀ ପ୍ରଦୀପ କୁମାର ସାହୁଙ୍କୁ ସମ୍ବଲପୁର ସଦର ଏସଡିପିଓ ଭାବରେ ବଦଳି ହେବା ପରେ ଶ୍ରୀ ଭୋଇ ବୁର୍ଲାରୁ ପଦ୍ମପୁରକୁ ଏସଡିପିଓ ଭାବରେ ଯୋଗ ଦେଇଛନ୍ତି । ଏହା ପୂର୍ବରୁ ଶ୍ରୀ ଭୋଇ ବରଗଡ଼ ଜିଲ୍ଲାର ପାଇକମାଲ, ସୋହେଲା, ବରଗଡ ଥାନାରେ ସୁନାମ ରଖି କାମ କରିଛନ୍ତି । ପଦ୍ମପୁର ଉପଖଣ୍ଡବାସୀ ମଧ୍ୟ ଆଇନ ଶୃଂଖଳାରେ ବହୁତ ଆଶା ଓ ବିଶ୍ୱାସ ରଖିଛନ୍ତି ।

ନୂତନ ଭାବରେ ଯୋଗଦାନ କରିଥିବା ପୁଲିସ ଅଧିକାରୀଙ୍କୁ ସ୍ୱାଗତ କରିବା ସହ ପୂର୍ବ ଅଧିକାରୀଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା । ପଦ୍ମପୁର ଉପଖଣ୍ଡର ସମସ୍ତ ଥାନା ଅଧିକାରୀମାନେ ଯୋଗଦାନ କରିଥିଲେ ।

# ନଗର ମଣ୍ଡଳ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ



ପଦ୍ମପୁର, (ନିପ୍ର) : ପଦ୍ମପୁର ନିର୍ବାଚନ ମଣ୍ଡଳୀ ବିଜେପି ନଗର ତରଫରୁ ସ୍ଥାନୀୟ ଦିଲ୍ଲୀପ କଲ୍ୟାଣ ମଣ୍ଡପଠାରେ ଭାରତୀୟ ଜନତା ପାର୍ଟିର ଏକ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଥିଲା । ନଗର ସଭାପତି ସୁନୀଲ ଅଗ୍ରୱାଲଙ୍କ ସଭାପତିତ୍ୱରେ ତଥା ନଗର ସାଧାରଣ ସମ୍ପାଦକ ଅଶୋକ ମିଶ୍ରଙ୍କ ପରିଚାଳିତ ଏହି ସଭାରେ ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ତଥା ପଦ୍ମପୁର ପୂର୍ବତନ ବିଧାୟକ ପ୍ରଦୀପ ପୁରୋହିତଙ୍କ ଉପସ୍ଥିତିରେ ଭାରତୀୟ ଜନତା ପାର୍ଟି ଆଗାମୀ ଦିନରେ ସଂଗଠନକୁ ଆହୁରି ମଜବୁତ ଓ ସୁଦୃଢ଼ କରିବା ପାଇଁ କଠିନ ପରିଶ୍ରମ ସହ ପଦ୍ମପୁର ଏନ୍ଏସିରେ ଚାଲିଥିବା ବିଭିନ୍ନ ଦୁର୍ନୀତି ଗୁଡିକ ବିରୋଧ କରିବା ପାଇଁ ନିଷ୍ପତ୍ତି ସହ କେନ୍ଦ୍ର ସରକାରଙ୍କ ଜନ କଲ୍ୟାଣକାରୀ ଯୋଜନାମାନଙ୍କ ବିଷୟରେ ସାଧାରଣ ଲୋକଙ୍କୁ ସଚେତନ କରିବା ପାଇଁ ଆଲୋଚନା କରାଯାଇଥିଲା ।

ଏହି ସଭାରେ ପାର୍ଟିର ଆଦର୍ଶ ଓ ବିଚାରରେ ଅନୁପ୍ରାଣିତ ହୋଇ କିଛି ଯୁବକ ବନ୍ଧୁ ଦଳରେ ବିଧିବଦ୍ଧ ଭାବରେ ସାମିଲ ହୋଇଥିଲେ । ଏହି ସଭାରେ ରାଜ୍ୟ ଆଦିବାସୀ ମୋର୍ଚ୍ଚା ସାଧାରଣ ସମ୍ପାଦକ ଗୋବର୍ଦ୍ଧନ ଭୋଇ, ରାଜ୍ୟ ଯୁବମୋର୍ଚ୍ଚା ସମ୍ପାଦକ ତଥା କଳାହାଣ୍ଡି ଜିଲ୍ଲା ଯୁବ ମୋର୍ଚ୍ଚା ପ୍ରଭାରୀ ପ୍ରୀତେଶ କୁମାର ବହିଦାର, ଜିଲ୍ଲା ସାଧାରଣ ସମ୍ପାଦକ ସରୋଜ ପାଣିଗ୍ରାହୀ, ସାଂସଦ ନୋମିନି ଡା. ଶ୍ରୀକାନ୍ତ ପାଣିଗ୍ରାହୀ, ଜିଲ୍ଲା ଉପସଭାପତି ସରୋଜ ସାମଲ, ନାରୀ ନେତ୍ରୀ ସରସ୍ୱତୀ ସାହୁ, ଜ୍ୟୋସ୍ନାରାଣୀ କର, ନିରାକାର ବରିହା, ସୌକିଲାଲ ସାହୁ, କେତନ ମେହେର, ଏଡ୍‌ଭୋକେଟ ଆଦିତ୍ୟ ରଥ, ଡା. ନାରାୟଣ ପୁରୋହିତ, ବିକାଶ ବହିଦାର, ସୁବାସ ପାତ୍ର, ସରୋଜ ମିଶ୍ର, ପ୍ରତାପ ନାଥ, ଗଣ ବଗର୍ତ୍ତି, ପିଂଟୁ ପାଢି, ଆଲାଦିନୀ ପଣ୍ଡା, ନଳିନୀ ସାହୁ, କୁନ୍ତୀ ମେହେର, ଫୁଲମତୀ ରଣା, ନଗର ଯୁବମୋର୍ଚ୍ଚା ସଭାପତି ପ୍ରମୋଦ ମେହେର, ନରେଶ ସୁନ୍ଦର ସାହୁ, ନବ କିଶୋର କଂଟା, ଦିନେଶ ବାରିକ, ସରୋଜ ପଧାନ, ରାଜୁ ସାହୁ, କହ୍ନା ବାରିକ ପ୍ରମୁଖ ଉପସ୍ଥିତ ରହିଥିଲେ । ପଦ୍ମପୁର ନଗର ସାଂସଦ ପ୍ରତିନିଧି ତଥା ଆଇନଜୀବୀ ଚିନ୍ମୟ କୁମାର ପଣ୍ଡା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ବିଭିନ୍ନ ସ୍ଥାନରେ ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳିତ

ପାଟଣାଗଡ଼, (ନିପ୍ର) : ପାଟଣାଗଡ଼ ବ୍ଲକ ଅନ୍ତର୍ଗତ ବରପଦର ପଂଚାୟତର କୁତମୁଣ୍ଡା ଗ୍ରାମରେ ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳିତ ହୋଇଯାଇଛି । ଏହି ଦିବସ ଉପଲକ୍ଷେ ଅନୁଷ୍ଠିତ ଶିବିରରେ ଗ୍ରାମର ସମସ୍ତ ପ୍ରସୂତି ଏବଂ ଗର୍ଭବତୀ ମା'ମାନଙ୍କୁ ସ୍ତନ୍ୟପାନର ମହତ୍ତ୍ୱ ସମ୍ପର୍କରେ ଅବଗତ କରାଯାଇଥିଲା । ଅଙ୍ଗନବାଡି କର୍ମୀ ଶ୍ରୀମତୀ ରାମାବତୀ ସାହୁ, ଉପାସୀ ବରିହା, ବାସନ୍ତୀ ମେହେର ପ୍ରମୁଖ ଯୋଗଦେଇ ଉପସ୍ଥିତ ମା' ମାନଙ୍କୁ ବୁଝାଇଥିଲେ । ଠିକ୍ ସେହିପରି ଡାଙ୍ଗବାହାଲ ପଂଚାୟତର ପଂଚାୟତ କଲ୍ୟାଣ ସମିତି ଏବଂ ପଲ୍ଲୀ ଆଲୋକ ପାଠାଗାର ନଅଗାଁ ତରଫରୁ ପଂଚାୟତ ଅନ୍ତର୍ଗତ ସମସ୍ତ ଗ୍ରାମରେ ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳିତ ହୋଇ ଯାଇଛି



ଏଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଗାଁ କଲ୍ୟାଣ ସମିତି ସୁପରଭାଇଜର ତଥା ପଲ୍ଲୀ ଆଲୋକ ପାଠାଗାରର ସ୍ୱେଚ୍ଛାସେବୀ ବିଶ୍ୱାମିତ୍ର ସେଠ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମରେ ପଂଚାୟତ ଅନ୍ତର୍ଗତ ସମସ୍ତ ଗ୍ରାମର ଅଙ୍ଗନବାଡି କର୍ମୀ ଓ ଆଶା ଦିଦିମାନେ ସହଯୋଗ କରିଥିଲେ ।

# ଫଟୋରେ 'କୋଶଳ ପ୍ରବାହ ଲାଇଭ୍' ୱେବ୍ ନ୍ୟୁଜ୍ ପୋର୍ଟାଲ୍‌ର ପ୍ରଥମ ବାର୍ଷିକୋତ୍ସବ



ଅତିଥିମାନଙ୍କ ଦ୍ୱାରା ମା' ସମଲେଇଙ୍କଠାରେ ଦୀପ ପ୍ରଜ୍ୱଳନ



ଉଦ୍‌ଘୋଷିକା ଲିଲି ପଟେଲଙ୍କୁ ସହସଂପାଦିକା ଶ୍ରାବଣୀଙ୍କ ଦ୍ୱାରା ସମ୍ବର୍ଦ୍ଧନା



ମୁଖ୍ୟ ଅତିଥି ବିଧାୟକ ସରୋଜଙ୍କୁ ପ୍ରଶାସନିକ ଅଧିକାରୀଙ୍କ ସମ୍ବର୍ଦ୍ଧନା



ଅତିଥିମାନଙ୍କ ସହ ମଂଚ ସମ୍ମୁଖରେ ସଂପାଦକ ଆନନ୍ଦ ଚନ୍ଦ୍ର ସାହୁ



ସମ୍ମାନିତ ଅତିଥି ଡ. ଶିବ ପ୍ରସାଦ ବେହେରାଙ୍କୁ ସହସଂପାଦିକାଙ୍କ ଦ୍ୱାରା ସ୍ୱାଗତ ସମ୍ବର୍ଦ୍ଧନା



'କୋଶଳ ପ୍ରବାହ ଲାଇଭ୍'ର ପ୍ରଥମ ବାର୍ଷିକୋତ୍ସବର ଏକ ବିଶେଷ ମୁହୂର୍ତ୍ତ




'କୋଶଳ ପ୍ରବାହ ଲାଇଭ୍'ର ପ୍ରଥମ ବାର୍ଷିକୋତ୍ସବ ମଂଚରେ ମଂଚାସୀନ ଅତିଥି ବୃନ୍ଦ



ଦିବଙ୍ଗତ ସାମ୍ବାଦିକଙ୍କୁ ଶ୍ରଦ୍ଧାଂଜଳି ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା




'କୋଶଳ ପ୍ରବାହ ଲାଇଭ୍'ର ପ୍ରଥମ ବାର୍ଷିକୋତ୍ସବରେ ଅତିଥିମାନଙ୍କ ସହ 'କୋଶଳ ପ୍ରବାହ' ସଦସ୍ୟ ବୃନ୍ଦ ।

# ଆଇଆର୍‌ଇଏଲ୍ କମ୍ପାନୀରେ ସ୍ଥାୟୀ କର୍ମଚାରୀଙ୍କ ମୃତ୍ୟୁ ପରେ ଉତ୍ତରାଧିକାରୀଙ୍କୁ କମ୍ପାନୀରେ ନିଯୁକ୍ତି ଦାବୀର ନ୍ୟାୟ ମିଳୁନଥିବା ଅଭିଯୋଗ



ବ୍ରହ୍ମପୁର, (ନିପ୍ର) : ଆଇଆରଇଏଲ(ଇଣ୍ଡିଆ) କମ୍ପାନୀରେ ସ୍ଥାୟୀ ଭାବେ କାର୍ଯ୍ୟରତ ଥାଇ ମୃତ ଶ୍ରମିକଙ୍କ ଉତ୍ତରାଧିକାରୀଙ୍କୁ କମ୍ପାନୀରେ ନିଯୁକ୍ତି ପ୍ରଦାନ କରିବାରେ କମ୍ପାନୀ କର୍ତ୍ତୃପକ୍ଷ ଜାଣିଶୁଣି ଅବହେଳା କରୁଛନ୍ତି ବୋଲି ମୃତ ଶ୍ରମିକଙ୍କ ପରିବାର ବର୍ଗ ଅଭିଯୋଗ କରିଛନ୍ତି । ଅଭିଯୋଗ ଅନୁସାରେ ମୃତ ଶ୍ରମିକଙ୍କ ପରିବାର ପକ୍ଷରୁ ବହୁବାର ଆନ୍ଦୋଳନ କରାଯାଇଥିଲେ ସୁଦ୍ଧା ଜିଲ୍ଲା ପ୍ରଶାସନ ଓ କମ୍ପାନୀ କର୍ତ୍ତୃପକ୍ଷ ସେମାନଙ୍କୁ ଏ ପର୍ଯ୍ୟନ୍ତ ଉଚିତ ନ୍ୟାୟ ଦେଇପାରିନି । ସେମାନଙ୍କ ହକ୍ ନିମନ୍ତେ ଆନ୍ଦୋଳନକୁ ଜୋରଦାର କରାଯିବା ନିମନ୍ତେ ମୃତ ଶ୍ରମିକଙ୍କ ପରିବାର ପ୍ରସ୍ତୁତି ଆରମ୍ଭ ହୋଇଛି । ଏନେଇ ରବିବାର ମୃତ ଶ୍ରମିକଙ୍କ ପରିବାରର ସଦସ୍ୟ ମାନେ ଭାରତୀୟ ମଜଦୁର ସଂଘର ରାଜ୍ୟ ନେତାଙ୍କ ସହଯୋଗ ଲୋଡିଛନ୍ତି । ଆଇଆରଇଏଲ(ଇଣ୍ଡିଆ) କମ୍ପାନୀ କର୍ମଚାରୀ ସଂଘର ଏକ ବୈଠକରେ ଭାରତୀୟ ମଜଦୁର ସଂଘର ରାଜ୍ୟ ସାଙ୍ଗଠନିକ ସମ୍ପାଦକ ଗିରିଶ ଚନ୍ଦ୍ର ମହନ୍ତ ଓ ରାଜ୍ୟ ଉପସଭାପତି ୱାଇ. ଶ୍ରୀନିବାସ ରାଓ ଯୋଗ ଦେଇଥିବା ବେଳେ ମୃତ ଶ୍ରମିକଙ୍କ ପରିବାର ସଦସ୍ୟ ମାନେ ସେମାନଙ୍କୁ ଭେଟି ସେମାନଙ୍କ ଦାବୀ ସଂପର୍କରେ ଅବଗତ କରାଇଥିଲେ । ଏହା ସହିତ କମ୍ପାନୀ କର୍ତ୍ତୁପକ୍ଷର ଟାଳଟୁଳ ନୀତି ଏବଂ ଜାଣିଶୁଣି ମୃତ ଶ୍ରମିକଙ୍କ ପରିବାର ସଦସ୍ୟଙ୍କୁ ଥଇଥାନ କରାଯାଉ ନାହିଁ ବୋଲି ସେମାନେ ଆଲୋଚନା ବେଳେ କହିଥିଲେ । ସର୍ବୋପରି ବହୁବାର ଦାବୀ ଓ ଆନ୍ଦୋଳନ କରି ଆସିଥିଲେ ମଧ କୌଣସି ସୁଫଳ ମିଳିନାହିଁ, ତେଣୁ ପରିବାରବର୍ଗଙ୍କ କ୍ଷୋଭ ପ୍ରକାଶ କରିଛନ୍ତି । ପରିବାର ବର୍ଗଙ୍କ ସହ ସମସ୍ତ ବିଷୟ ଆଲୋଚନା କଲାପରେ ଆଇଆରଇଏଲ(ଇଣ୍ଡିଆ) କର୍ତ୍ତୃପକ୍ଷଙ୍କ ସହିତ ଘଟଣା ସଂପର୍କରେ ଆଲୋଚନା କରାଯିବ ବୋଲି ମଜଦୁର ସଂଘର ଉଭୟ ରାଜ୍ୟ ନେତା ଆଶ୍ୱାସନା ଦେଇଥିଲେ । ଏହି ଆଲୋଚନା ବେଳେ ତପନ କୁମାର ପାତ୍ର, ସୁଶାନ୍ତ ନାୟକ, ଜିତୁ ରଣସିଂ, ଶିବ ପ୍ରସାଦ, ଏସ୍. ଦୁର୍ଯ୍ୟୋଧନ, ଆଶିଷ ମହାପାତ୍ର, ନବୀନ ଚନ୍ଦ୍ର ନାୟକ, ପ୍ରଦୀପ ପ୍ରଧାନ, ରବୀନ୍ଦ୍ର ନାଥ ବେହେରା, ସନ୍ତୋଷ ପୁଣ୍ଡି, ପି.କବିରାଜଙ୍କ ସମେତ ୪୦ରୁ ଉର୍ଦ୍ଧ୍ୱ ମୃତ ଶ୍ରମିକଙ୍କ ପରିବାର ସଦସ୍ୟମାନେ ଉପସ୍ଥିତ ଥିଲେ ।

# ଘାଏ ଦେଖତ ଗାଇସିଲେଟ କଲାପଟା ତରଫରୁ କବିତା ଆସର ଅନୁଷ୍ଠିତ




ଗାଇସିଲାଟ, (ନିପ୍ର) : ଘାଏ ଦେଖତ ଗାଇସିଲେଟ କଲାପଟା ତରଫରୁ ଗାଇସିଲେଟ ବ୍ଲକର କବି ଓ ସାହିତ୍ୟିକମାନଙ୍କୁ ନେଇ ଅନଲାଇନ ମାଧ୍ୟମରେ ଏକ କବିତା ଆସର ଅନୁଷ୍ଠିତ ହୋଇଯାଇଛି । କୋଶଲ ଭାରତୀ ସାହିତ୍ୟ ଆର୍ ସାଂସ୍କୃତିକ ଅନୁଷ୍ଠାନ, ଗାଇସିଲେଟ ଦ୍ୱାରା ପରିଚାଳିତ ହୋଇଥିବା ଏହି କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ କୋଶଲ ରତ୍ନ କୃଷ୍ଣ ଚନ୍ଦ୍ର ଭୋଇ । ମୁଖ୍ୟ ଅତିଥି ଡକ୍ଟର ଜୟକେତନ ତ୍ରିପାଠୀ ଏବଂ ସମ୍ମାନିତ ଅତିଥି ଭାବରେ ପ୍ରଫେସର ଅର୍ଜୁନ କୁମାର ମହାନ୍ତି ଓ ପ୍ରଧାନ ଶିକ୍ଷକ ରକ୍ମଣ ଦିଶ୍ରୀ ଯୋଗଦାନ କରି ଗାଇସିଲେଟ ଅଂଚଳର ସାହିତ୍ୟର ବିକାଶ ନିମନ୍ତେ ଆଲୋକପାତ କରିଥିଲେ । ଏହି ଅବସରରେ ଅନୁଷ୍ଠିତ କବିତା ଆସରରେ ଯୁବକବି ପ୍ରଶାନ୍ତ ପଧାନ, ବଲ୍ଲବ ସାହୁ, ପୁସ୍ତମ ଯୁଆଡି, ଦିଲ୍ଲିପ କୁମାର ସରାପ, ପ୍ରମୋଦ କଲେତ, ନାରୀକବି ସୁଶ୍ରୀ ସାଗରିକା ସାହୁ, କୋଶଲ ରତ୍ନ କୃଷ୍ଣ ଚନ୍ଦ୍ର ଭୋଇ ଓ ବୈରାଗୀ ସାହୁ ପ୍ରମୁଖ କବିତା ପାଠ କରିଥିଲେ । କବିତା ସଂଯୋଜନା କରିଥିଲେ ଦିଲ୍ଲିପ କୁମାର ସରାପ୍ । କାର୍ଯ୍ୟକ୍ରମ ଶେଷରେ ଘାଏ ଦେଖତ କଲାପଟା ସଂପାଦକ ବୈରାଗୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଅସହାୟ ଡାଳିମ୍ବଙ୍କୁ ପଢିବା ପାଇଁ ସରକାରୀ ସହାୟତା ମିଳିଲା



କୋରାପୁଟ, (ନିପ୍ର) : କୋରାପୁଟ ଜିଲ୍ଲା ନନ୍ଦପୁର ବ୍ଲକ ସଦର ମହକୁମା ଗୌଡ଼ ସାହିରେ ବାସ କରନ୍ତି ଚଂଚଳା ପିତେଇ ଓ ତାଙ୍କ ପରିବାର । ସ୍ୱାମୀ ଶ୍ରୀହରି ପିତେଇ ଗତ ୪ ବର୍ଷ ତଳେ ମୃତ୍ୟୁ ବରଣ କରିଛନ୍ତି । ତାଙ୍କର ସତର ବର୍ଷର ଝିଅ ମାନସିକ ବିକୃତ ପୁଅ ଓ ଅସୀ ବର୍ଷର ଶାଶୁ ଅଛନ୍ତି । ସମସ୍ତଙ୍କ ଦାୟିତ୍ୱ ଚଂଚଳାଙ୍କ ଉପରେ ନିର୍ଭର । ଜମିବାଡ଼ି କିଛି ନଥିବାରୁ ସେମାନେ ପରଘରେ ବାସନ ମାଜି ଚଳୁଥିଲେ । ତାଙ୍କର ଝିଅ ଜଣେ ମେଧାବୀ ଛାତ୍ରୀ ହୋଇଥିଲେ ସୁଦ୍ଧା ଆର୍ଥିକ ଅସୁବିଧା ହେତୁ ଆଗକୁ ପଢି ପାରୁନାହାନ୍ତି । ଆର୍ଥିକ ଅସୁବିଧା ହେତୁ ଶାଶୁ ଓ ପୁଅର ଚିକିତ୍ସା ହୋଇପାରୁନି । ତାଙ୍କୁ ଓ ତାଙ୍କ ଶାଶୁଙ୍କୁ ବିଧବା ଭତ୍ତା ମିଳୁଥିବା ବେଳେ ସମସ୍ତଙ୍କୁ ରାସନ ମିଳୁଛି, ଯାହା ସମୁଦ୍ରକୁ ଶଙ୍ଖେ । ଏହି ସମସ୍ୟା ବିଷୟକୁ ନେଇ ଗତ କିଛିଦିନ ତଳେ ବିଭିନ୍ନ ଖବର କାଗଜରେ ପ୍ରକାଶିତ ହୋଇଥିଲା । ଏହି ସମସ୍ୟାକୁ ପଢି କଳାହାଣ୍ଡିର ଯୁବ ସମାଜସେବୀ ଯଶୋବନ୍ତ ରଣା କୋରାପୁଟ ଜିଲ୍ଲାପାଳ, ଶିଶୁ ସୁରକ୍ଷା ୟୁନିଟ କୋରାପୁଟ, ନନ୍ଦପୁର ବିଡ଼ିଓ, ମନ୍ତ୍ରୀ ଟୁକୁନି ସାହୁଙ୍କ ଦୃଷ୍ଟି ଆକର୍ଷଣ କରି ସମସ୍ତଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ନିବେଦନ କରିଥିଲେ । ଖବର ପାଇ ନନ୍ଦପୁର ବିଡ଼ିଓ ଏହାର ତଦନ୍ତ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ତଦନ୍ତ କରି ଏହି ପରିବାରକୁ ସମସ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ପ୍ରତିଶୃତି ଦେଇଛନ୍ତି । ଡ
ାଳିମ୍ବ ପିତେଇ ଆଗକୁ ପଢିବା ପାଇ ଆର୍ଥିକ ସହାୟତା ଯୋଗାଇ ଦେବା ସହ ଦେବାଶିଷଙ୍କୁ ଖୁବ ଶୀଘ୍ର ଦିବ୍ୟାଙ୍ଗ ପ୍ରମାଣ ପତ୍ର ଦିଆଯିବ ବୋଲି ସମାଜ ସେବୀ ଯଶୋବନ୍ତ ରଣାଙ୍କୁ ସୂଚନା ଦେଇଛନ୍ତି । ସମାଜସେବୀ ଯଶୋବନ୍ତ ରଣାଙ୍କ ଏହିପରି ପ୍ରୟାସକୁ ବୁଦ୍ଧିଜୀବୀ ମହଲରେ ପ୍ରଶଂସା କରିଛନ୍ତି ।

# ରାଜେନ୍ଦ୍ର ୟୁନିଭର୍ସିଟି +୩ ତୃତୀୟ ସେମିଷ୍ଟାର : ଅନଲାଇନ ମୋଡ୍‌ରେ ପରୀକ୍ଷା କରିବାକୁ ଦାବୀ କଲା ଛାତ୍ର କଂଗ୍ରେସ



ବଲାଙ୍ଗିର, (ନିପ୍ର) : କରୋନା ଯୋଗୁଁ ସରକାରୀ ନିର୍ଦ୍ଦେଶ କ୍ରମେ +୩ର ପାଠ୍ୟକ୍ରମ ଅନଲାଇନ ମୋଡରେ କରାଯାଇଥିଲା । ତେଣୁ ରାଜେନ୍ଦ୍ର ୟୁନିଭର୍‌ସିଟିର +୩ର ତୃତୀୟ ସେମିଷ୍ଟାର ପରୀକ୍ଷା ମଧ ଅନଲାଇନ ମୋଡରେ କରିବାକୁ ଛାତ୍ର କଂଗ୍ରେସ ଦାବୀ କରିଛି । ଛାତ୍ର କଂଗ୍ରେସ ସଭାପତି ଅଙ୍କିତ ସାହୁଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ରାଜେନ୍ଦ୍ର ୟୁନିଭର୍‌ସିଟିର କୂଳପତି ପ୍ର. ଉମା ବଲ୍ଲଭ ମହାପାତ୍ରଙ୍କୁ ଦେଖା କରି ଆଗାମୀ ଦିନରେ ହେବାକୁ ଥିବା +୩ ତୃତୀୟ ସେମିଷ୍ଟାର ପରୀକ୍ଷା ବିଷୟରେ ଆଲୋଚନା କରାଯାଇଛି । ଯେପରି କରୋନା ଯୋଗୁଁ +୩ର ସମସ୍ତ ପାଠପଢା ଅନଲାଇନ୍ ମାଧ୍ୟମରେ କରାଯାଇଛି, ସେହିପରି ତୃତୀୟ ସେମିଷ୍ଟାର ପରୀକ୍ଷା ମଧ ଅନଲାଇନ୍ ମାଧ୍ୟମରେ କରିବାକୁ ଛାତ୍ର କଂଗ୍ରେସ ୟୁନିଭର୍ସିଟି କର୍ତ୍ତୃପକ୍ଷଙ୍କ ଆଗରେ ଲିଖିତ ଦାବୀ ଉପସ୍ଥାପିତ କରିଛି । ତେବେ, କୁଳପତି ଶ୍ରୀ ମହାପାତ୍ର ଦାବୀପତ୍ର ଗ୍ରହଣ କରିବା ସହ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଦାବୀ ବିଷୟରେ ଜଣାଇବା ସହ ଏହାର ସମାଧାନର ରାସ୍ତା ବାହାର କରିବେ ବୋଲି ପ୍ରତିଶୃତି ଦେଇଥିବା ଜଣାପଡିଛି । ଆଜିର ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପ୍ରଦେଶ ଛାତ୍ର କଂଗ୍ରେସ ସଂପାଦକ ଅଜିତ ମହାନନ୍ଦ, ବିଷ୍ଣୁ ପ୍ରସାଦ ଭୋଇ, ଦିନେଶ ସାହୁ, ସମୀର କୁମ୍ଭାର, ମାନସ ପ୍ରଧାନ ଓ ଅଂଚଳ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।

# ମାଣ୍ଡୋସିଲ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରଠାରୁ କୋଭିଡ ସଚେତନତା ରଥ ଗଡିଲା



ପଦ୍ମପୁର, (ନିପ୍ର) : କୋଭିଡ ସଚେତନତା ପର୍ଯ୍ୟବେକ୍ଷଣର ଶେଷ ମାସରେ ମାଣ୍ଡୋସିଲ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରଠାରୁ ରଥ ଗଡିଲା ।


ମାଣ୍ଡୋସିଲ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ କୋଭିଡ ସଚେତନତା ରଥକୁ ଡ଼. ଅନିତା ମିଶ୍ର ମହିଳା ସ୍ୱାସ୍ଥ୍ୟ କର୍ମୀ ପଦ୍ମିନୀ ପଣ୍ଡା, ସୁଭଦ୍ରା ମହନ୍ତ, ସରପଂଚ ଶ୍ରୀମତୀ ହିମାଦ୍ରି ପୁଟା, ଗ୍ରାମ୍ୟ କମିଟି ସଭାପତି ଧନ ସିଂ ପଟେଲ ଅଙ୍ଗନୱାଡି ମାଳତୀ ମହାନନ୍ଦ, ମାଳତୀ ଭୋଇ, ହାରାବତୀ ଡନସେନା, ଆଶା ଆହ୍ଲାଦିନୀ ପ୍ରଧାନ । ତା'ପରେ ରଥ ଜାମସେଠ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ପହଂଚି ଥିଲା । ଡ. ପ୍ରଦୀପ କୁମାର ସାହୁ, ମହିଳା ସ୍ୱାସ୍ଥ୍ୟ କର୍ମୀ ଉଷାବତୀ ଲୁହାର, ନର୍ସିଂ ଅଫିସର ଲିଲିମା ଗଇଁତା, ଜାମସେଠ ସରପଂଚ ଶ୍ରୀମତୀ ରମ୍ଭା ତାଣ୍ଡି, ସମିତି ସଭ୍ୟା ଶ୍ରୀମତୀ ସୁମିତ୍ରା ଭୋଇ, ନାଏବ ସରପଂଚ ଆର୍ତ୍ତତ୍ରାଣ ସାହୁ, ସ୍ୱେଚ୍ଛାସେବୀ ଶରତ ତାଣ୍ଡି, ଅଙ୍ଗନୱାଡି କର୍ମୀ କୁନ୍ତୀ ବାଗ, ରୀତା ମଞ୍ଜୁରୀ ପ୍ରଧାନ, ୱାର୍‌ଡ ମେମ୍ବର ରତ୍ନାବତୀ ମାଝୀ ସ୍ୱାଗତ କରିଥିଲେ ।

ଏହି ଅବସରରେ ଗାଁର ସବୁଆଡ଼େ ମ୍ୟାକିଂ ଓ ଲିପ୍‌ଲେଟ୍ ବଂଟନ କରି ଶୋଭାଯାତ୍ରା କରାଯାଇଥିଲା ।

ସାମାଜିକ ଦୂରତା, ମାକ୍ସ ବ୍ୟବହାର, କୋଭିଡ ଟେଷ୍ଟ ଓ ଟୀକା ନେବା, ସରକାରଙ୍କ ଗାଇଡ୍ ଲାଇନ୍, ମ୍ୟାଲେରିଆ ଜ୍ୱର, ଯକ୍ଷ୍ମା ଓ ଅଣସଂକ୍ରାମକ ରୋଗ - ହାଇ ବ୍ଲଡ୍ ସୁଗର, କ୍ୟାନସର ଉପରେ ଡାକ ବାଜି ଯନ୍ତ୍ର ଓ ଗୀତ ମାଧ୍ୟମରେ ଜନ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା ।

ଏହି ରଥ ତିନି ମାସିଆ କାର୍ଯ୍ୟକ୍ରମ ଏହି ମାସ ସମସ୍ତ ଗାଁ କଲ୍ୟାଣ ସମିତିକୁ ବୁଲିବ । ତୁଷ କୁମାର ଚନ୍ଦ୍ରକାର ଜନ ସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଝାରବନ୍ଧ, ସମସ୍ତ ସ୍ୱାସ୍ଥ୍ୟ ପରିଦର୍ଶକ, ପରିଦର୍ଶିକା, ସ୍ୱାସ୍ଥ୍ୟ କର୍ମୀ, ଆଶା, ଅଙ୍ଗନୱାଡି ଓ ସମସ୍ତ ଗାଁ କଲ୍ୟାଣ ସମିତିର ସହଯୋଗରେ ହେଉଛି ବୋଲି ଭାରତ ସରକାରଙ୍କ ଦ୍ୱାରା ପଞ୍ଜିକୃତ ନୀତି ଦର୍ପଣ ପୋର୍ଟାଲ ଉପାୟ ଅନୁଷ୍ଠାନର ସମ୍ପାଦକ ତଥା ନିର୍ଦ୍ଦେଶକ ଲଳିତ ଜଗତ ପ୍ରକାଶ କରିଛନ୍ତି ।

# ବରଗଡ଼ ଜିଲ୍ଲାର ବିଭିନ୍ନ ସ୍କୁଲରେ ହୋଇଥିବା ଦୁର୍ନୀତି ବିରୁଦ୍ଧରେ ବିଜେପି ଯୁବ ମୋର୍ଚ୍ଚା ତରଫରୁ ଡିଇଓଙ୍କ କାର୍ଯ୍ୟାଳୟ ଘେରାଉ



ବରଗଡ, (ନିପ୍ର) : ବରଗଡ଼ ଜିଲ୍ଲାର ବିଭିନ୍ନ ପ୍ରାଥମିକ ଏବଂ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ କରୋନା ମହାମାରୀ ଯୋଗୁଁ ଦୀର୍ଘ ଦେଢ ବର୍ଷ ବନ୍ଦ ଥିବା ସତ୍ତ୍ୱେ ଉକ୍ତ ସ୍କୁଲ ଗୁଡିକରେ ନବୀକରଣ, ଇକୋ କ୍ଲବ ନିର୍ମାଣ ଏବଂ ଖେଳ ସାମଗ୍ରୀ କିଣାବିକା ନାମରେ ମିଥ୍ୟା ବିଲ ଭାଉଚର ଦେଇ ଲକ୍ଷାଧିକ ଟଙ୍କା ଆତ୍ମସାତ ହୋଇଛି । ଏହାର ପ୍ରତିବାଦରେ ବିଜେପି ଯୁବ ମୋର୍ଚ୍ଚା ବରଗଡ଼ ଜିଲ୍ଲା ତରଫରୁ ଜିଲ୍ଲା ସଭାପତି ଅମିତ କୁମାର ପଣ୍ଡାଙ୍କ ନେତୃତ୍ୱରେ ଆଜି ଜିଲ୍ଲା ଶିକ୍ଷା ଅଧିକାରୀ ବରଗଡ଼ଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା ଏବଂ ଏହି ଘଟଣାରେ ସମ୍ପୃକ୍ତ ଥିବା ସରକାରୀ କର୍ମଚାରୀ ଏବଂ ବ୍ୟବସାୟୀଙ୍କ ବିରୁଦ୍ଧରେ ତୁରନ୍ତ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଏକ ଦାବୀପତ୍ର ପ୍ରଦାନ କରାଯାଇଥିଲା । ଆସନ୍ତା ୧୫ ଦିନ ମଧ୍ୟରେ ଘଟଣାର ତଦନ୍ତ କରାଯାଇ ଦୋଷୀମାନଙ୍କ ବିରୁଦ୍ଧରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲ୍ଲା ଶିକ୍ଷା ଅଧିକାରୀ ବରଗଡ଼ ପ୍ରତିଶୃତି ଦେଇଥିଲେ । ଆଜିର ଏହି ଆନ୍ଦୋଳନରେ ଅନ୍ୟମାନଙ୍କ ମଧ୍ୟରେ ବିଜେପି ଜିଲ୍ଲା ସଭାପତି ଅଶ୍ୱିନୀ କୁମାର ଷଡ଼ଙ୍ଗୀ, ଜିଲ୍ଲା ସାଧାରଣ ସମ୍ପାଦକ ରବିନାରାୟଣ ଦାଶ, ଯୁବ ମୋର୍ଚ୍ଚା ଜିଲ୍ଲା ସାଧାରଣ ସମ୍ପାଦକ ପରକ୍ଷିତ ଛତର, ଯୁବ ମୋର୍ଚ୍ଚା ଜିଲ୍ଲା ଉପସଭାପତି ଯୁଧିଷ୍ଠିର ମେହେର, ବିଜେପି ବରଗଡ଼ ନଗର ସଭାପତି ସୁବ୍ରତ ହୋତା, ସାଂସଦ ପ୍ରତିନିଧି ଅବନୀକାନ୍ତ ପଣ୍ଡା, ଯୁବ ମୋର୍ଚ୍ଚା ଜିଲ୍ଲା ସମ୍ପାଦକ ଘନଶ୍ୟାମ ସାହୁ, କୁଶ ସାହୁ, ସଞ୍ଜୟ ପ୍ରଧାନ, ବ୍ରଜ ନାୟକ, ମହେଶ ଦାସ, ପ୍ରମୋଦ ଛତର, ଲାଲୁ ପଧାନ ଅନ୍ୱେଶ ମହାପାତ୍ର , ସଦା ସାହୁ, ହାପି ନାୟକ, ଚନ୍ଦ୍ରକାନ୍ତ ସାହୁ, ସତ୍ୟବାନ ସାହୁ, ଧୀରେନ୍ଦ୍ର ସାହୁ, ସୁଧୀର ପଧାନ, ସମୀର ମେହେର ପ୍ରମୁଖ ଉପସ୍ଥିତ ଥିଲେ ।

# ଫଟୋ ଫଟୋରେ ସମ୍ବର୍ଦ୍ଧିତ ହୋଇଥିବା ସ୍ୱେଚ୍ଛାସେବୀ ସଂଗଠନ ସମୂହ


ସିଏନ୍‌ସି ବାଣିଜ୍ୟ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ସମୂହ, ବଲାଙ୍ଗିର


ସ୍ମାଇଲ୍ ଫର୍ ଅଲ୍, ବଲାଙ୍ଗିର


ଓ୍ୱେଷ୍ଟର୍ଣ୍ଣ ଓଡ଼ିଶା ଯୁବା ମଂଚ, ବଲାଙ୍ଗିର


ନିଷ୍ଠା ପରିବାର, ବରଗଡ଼


ବଲାଙ୍ଗିର ସ୍ୱେଚ୍ଛାସେବୀ ସଂଗଠନ, ବଲାଙ୍ଗିର


ମାହେଶ୍ୱରୀ ସେବା ସଂଗଠନ, ବଲାଙ୍ଗିର


ନାରୀଶକ୍ତି ଫାଉଣ୍ଡେସନ, ବଲାଙ୍ଗିର


ଗୁରୁକୃପା ସେବା ଟ୍ରଷ୍ଟ, ଟିଟିଲାଗଡ଼


ସିଟିଜନ୍ କମିଟି, ପାଟଣାଗଡ଼


କେଶରୀୟା ହିନ୍ଦୁ ବାହିନୀ, ବଲାଙ୍ଗିର


ସେବା ଚେରିଟେବୁଲ୍ ଟ୍ରଷ୍ଟ, ପାଟଣାଗଡ଼


ସୀତାରାମ ଫାଉଣ୍ଡେସନ, ବଲାଙ୍ଗିର

# ସ୍ୱାଧୀନତାର ଅମୃତ ମହୋତ୍ସବ ଅବସରରେ ସୁସ୍ଥ ଦୌଡ଼ ଆସନ୍ତା ୧୪ରେ

ବଲାଙ୍ଗିର, (ନିପ୍ର) : ସ୍ୱାଧୀନତାର ଅମୃତ ମହୋତ୍ସବ ଅବସରରେ ସୁସ୍ଥ ଦୌଡ଼ ଆସନ୍ତା ୧୪ ତାରିଖ ଦିନ ଅନୁଷ୍ଠିତ ହେବ ବୋଲି ଏକ ସାମ୍ବାଦିକ ସମ୍ମିଳନୀରେ ବଲାଙ୍ଗିର ନେହେରୁ ଯୁବ କେନ୍ଦ୍ର ପକ୍ଷରୁ ଘୋଷଣା କରାଯାଇଛି । ଜିଲ୍ଲା ଯୁବ ଅଧିକାରୀ ନରସିଂହା କୁମାର ଏବଂ ସଂଯୋଜକ ଡ. ଶ୍ରୀକର ମିଶ୍ରଙ୍କ ଉପସ୍ଥିତିରେ ଅନୁଷ୍ଠିତ ସମ୍ମିଳନୀରେ କୁହାଯାଇଛି ଯେ ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଅବସରରେ ଭାରତ ସରକାରଙ୍କ ପକ୍ଷରୁ ବର୍ଷବ୍ୟାପୀ ସାରା ଦେଶରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବା ବେଳେ ଆସନ୍ତା ୧୪ ତାରିଖ ଦିନ ସ୍ଥାନୀୟ ଗାନ୍ଧୀ ଷ୍ଟାଡିୟମଠାରେ ସୁସ୍ଥ ଦୌଡ଼ ସକାଳ ୮ ଘଣ୍ଟାରୁ ଆରମ୍ଭ ହେବ । କୋଭିଡ଼ କଟକଣା ଯୋଗୁଁ ସୀମିତ ସଂଖ୍ୟକ ଯୁବକ ଯୁବତୀଙ୍କୁ ନେଇ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହ ଏହି କାର୍ଯ୍ୟକ୍ରମ ଦ୍ୱାରା ସାରା ଭାରତରେ ସୁସ୍ଥତା ପାଇଁ ଏକ ଆନ୍ଦୋଳନ ସୃଷ୍ଟି ହୋଇପାରିବ ବୋଲି ଆଶାବ୍ୟକ୍ତ କରାଯାଇଛି । ସୂଚନା ଯୋଗ୍ୟ ଯେ, ସାରା ଜିଲ୍ଲାର ୭୫ ଟି ଗ୍ରାମରେ ଏହି ସୁସ୍ଥ ଦୌଡ଼ କାର୍ଯ୍ୟକ୍ରମ ପର୍ଯ୍ୟାୟ କ୍ରମେ ଅନୁଷ୍ଠିତ ହେବ । ସ୍ଥାନୀୟ ସାମ୍ବାଦିକ ଭବନରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ବଲାଙ୍ଗିର ସହରର ସମସ୍ତ ଜନସାଧାରଣ ଏହି କାର୍ଯ୍ୟକ୍ରମରେ ସାମିଲ ହେବା ପାଇଁ ଅନୁରୋଧ କରାଯାଇଛି ।

ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନ କ୍ରମେ ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଅବସରରେ ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ପକ୍ଷରୁ ସ୍ୱାଧୀନତାର ଅମୃତ ମହୋତ୍ସବ ସାରା ଦେଶରେ ପାଳନ କରାଯିବାକୁ ପଦକ୍ଷେପ ନିଆଯାଇଥିବା ବେଳେ ସୁସ୍ଥ ଭାରତ ଗଠନ ପାଇଁ ଏହି ପଦକ୍ଷେପ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି ।




## ଉଲ୍ଲେଖନୀୟ ଅବଦାନ ଯୋଗୁଁ ବାଳକ ବାଳିକାଙ୍କୁ ଜାତୀୟ ସାହାସିକତା ପୁରସ୍କାର ପାଇଁ ମନୋନୟନ ପତ୍ର ଦାଖଲ୍ କରିବାକୁ ଆହ୍ୱାନ

ବଲାଙ୍ଗିର, (ନିପ୍ର) : ଭାରତୀୟ ଶିଶୁ ମଙ୍ଗଳ ପରିଷଦ, ନୂଆଦିଲ୍ଲୀ ପକ୍ଷରୁ ୬ ବର୍ଷରୁ ୧୮ ବର୍ଷର ବାଳକ ବାଳିକାଙ୍କୁ ସାହାସିକତା କ୍ଷେତ୍ରରେ ପ୍ରତିବର୍ଷ ସାହସିକ ପୁରସ୍କାର ପ୍ରଦାନ କରାଯାଇଥାଏ । ଚଳିତ ବର୍ଷ ମଧ୍ୟ ସାହାସିକତା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଥିବା ୬ ବର୍ଷରୁ ୧୮ ବର୍ଷ ବୟସ ମଧ୍ୟରେ ଥିବା ବାଳକ ବାଳିକାଙ୍କୁ ଜାତୀୟ ସାହସିକତା ପୁରସ୍କାର ପ୍ରଦାନ କରାଯିବାର ବ୍ୟବସ୍ଥା କରାଯାଇଛି । ସାମାଜିକ କୁସଂସ୍କାର ତଥା ଅପରାଧ ବିରୁଦ୍ଧରେ ନିଜ ଜୀବନକୁ ବାଜି ଲଗାଇ ଉପରୋକ୍ତ ବୟସର ଯେଉଁ ବାଳକ କିମ୍ବା ବାଳିକା ମାନେ ଦୃଷ୍ଟାନ୍ତମୂଳକ ସାହାସ ଦେଖେଇଥିବେ, ସେମାନେ ଏହି ପୁରସ୍କାର ପାଇଁ ମନୋନୟନ ପତ୍ର ଦାଖଲ କରିପାରିବେ । ମନୋନୟନ ପତ୍ର ଉପଯୁକ୍ତ କର୍ତ୍ତୃପକ୍ଷଙ୍କ ସୁପାରିଶ ସହ ଭାରତୀୟ ଶିଶୁ ମଙ୍ଗଳ ପରିଷଦ, ନୂଆଦିଲ୍ଲୀ ଠାରେ ପହଂଚିବାର ଶେଷ ତାରିଖ ଅକ୍ଟୋବର ମାସ ୧୫ ତାରିଖକୁ ଧାର୍ଯ୍ୟ କରାଯାଇଛି । ଏ ସଂପର୍କିତ ଅଧିକ ବିବରଣୀ ପରିଷଦର ୱେବ୍‌ସାଇଟ୍ www.iccw.co.inରେ ଉପଲବ୍ଧ ଅଛି । ଏହି ସାହାସିକତା ପୁରସ୍କାର ପାଇଁ ବଲାଙ୍ଗିର ଜିଲ୍ଲାର ୬ ବର୍ଷରୁ ୧୮ ବର୍ଷ ବୟସର ଯୋଗ୍ୟ ବାଳକ ବାଳିକା ମାନେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବଲାଙ୍ଗିରଙ୍କ ସହ ଅଧିକ ବିବରଣୀ ପାଇଁ ଯୋଗାଯୋଗ କରିପାରିବେ । ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀଙ୍କ ଟେଲିଫୋନ୍ ନମ୍ବର ୦୬୬୫୨-୨୩୧୮୮୬ ଏବଂ ମୋବାଇଲ ନମ୍ବର ୯୪୩୮୪୦୫୧୬୬ରେ ମଧ୍ୟ ଯୋଗାଯୋଗ କରିପାରିବେ ବୋଲି ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଲକ୍ଷ୍ମୀ ସିଂ ଜଣାଇଛନ୍ତି ।

## କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଦତ୍ତ ବିଭିନ୍ନ ସାମାଜିକ ଉନ୍ନୟନମୂଳକ ଯୋଜନା ସମ୍ବନ୍ଧରେ ସଚେତନତା କାର୍ଯ୍ୟକ୍ରମ

ବଲାଙ୍ଗିର, (ନିପ୍ର) : ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ଲୋକନାଥ ମହାପାତ୍ରଙ୍କ ନିର୍ଦ୍ଦେଶ କ୍ରମେ ପ୍ରାଧିକରଣ ସଚିବ ଦେବାଶିଷ ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗତକାଲି ବିକଳ୍ପ ସମାଧାନ କେନ୍ଦ୍ର, ବଲାଙ୍ଗିରର ସଭାଗୃହ ଠାରେ କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଦତ୍ତ ବିଭିନ୍ନ ସାମାଜିକ ଉନ୍ନୟନ ମୂଳକ ଯୋଜନା ସଂବନ୍ଧରେ ସଚେତନତା କାର୍ଯ୍ୟକ୍ରମ ଅନ୍‌ଲାଇନ୍ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଅଛି । ଏହି କାର୍ଯ୍ୟକ୍ରମରେ ବଲାଙ୍ଗିର ସ୍ଥାୟୀ ଲୋକ ଅଦାଲତ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ଦାସ ଏବଂ ବଲାଙ୍ଗିର ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ନବକୃଷ୍ଣ ସାହୁ ପ୍ରମୁଖ ଯୋଗ ଦେଇଥିଲେ । ପ୍ରାଧିକରଣ ସଚିବ ପ୍ରାଧିକରଣ ଦ୍ୱାରା ପରିଚାଳିତ ବିଭିନ୍ନ ସହାୟତା ମୂଳକ ଯୋଜନା ସଂପର୍କରେ ଯେପରିକି ଭିସିଏ, ମଧ୍ୟସ୍ଥତା ମାଧ୍ୟମରେ ବିଭିନ୍ନ ସମସ୍ୟାର ସମାଧାନ, ଅବହେଳିତ ବିଭିନ୍ନ ବର୍ଗର ଲୋକଙ୍କୁ ବିନା ମୂଲ୍ୟରେ ଦିଆଯାଉଥିବା ଆଇନ ସହାୟତା ସଂବନ୍ଧରେ ଆଲୋଚନା କରିଥିଲେ ।

ଏହାପରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀ ସାହୁ ଓଡ଼ିଶା ସରକାର ତଥା କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଦତ୍ତ ବିଭିନ୍ନ ସାମାଜିକ ଉନ୍ନୟନମୂଳକ ଯୋଜନା ସଂପର୍କରେ ସବିଶେଷ ବିବରଣୀ ପ୍ରଦାନ କରିଥିଲେ । ବଲାଙ୍ଗିର ସ୍ଥାୟୀ ଲୋକ ଅଦାଲତ ଅଧ୍ୟକ୍ଷ ଶ୍ରୀ ଦାସ ସରକାରଙ୍କ ଯୋଜନାରେ ଅନ୍ତର୍ଭୁକ୍ତ ନିମନ୍ତେ ସମସ୍ତ ଆଇନଗତ ଦିଗ ସମ୍ବନ୍ଧରେ ବିସ୍ତୃତ ଆଲୋଚନା କରିବା ସହ ଯଦି କେହି ହିତାଧିକାରୀ କୌଣସି ଯୋଜନାରୁ ବଂଚିତ ହୁଏ, ସ୍ଥାୟୀ ଲୋକ ଅଦାଲତ ଦ୍ୱାରା ଉକ୍ତ ହିତାଧିକାରୀକୁ ସ୍ଥାୟୀ ଲୋକ ଅଦାଲତ ଯୋଗାଇ ଦେଉଥିବା ଆଇନଗତ ସହାୟତା ସମ୍ବନ୍ଧରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ ।

## ବିଜେପି ଅନୁସୂଚିତ ଜାତି ମୋର୍ଚ୍ଚା ପକ୍ଷରୁ ବିକ୍ଷୋଭ



ବଲାଙ୍ଗିର, (ନିପ୍ର) : ବଲାଙ୍ଗିର ଜିଲ୍ଲା ବିଜେପି ଅନୁସୂଚିତ ଜାତି ମୋର୍ଚ୍ଚା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ବିଜୁ ଜନତା ଦଳର ନେତା ଓ କର୍ମୀମାନଙ୍କ ଦ୍ୱାରା ଦଳିତମାନଙ୍କ ଉପରେ ବାରମ୍ବାର ଆକ୍ରମଣ ଓ ଭାରତରତ୍ନ ଡ.ବାବାସାହେବ ଆମ୍ବେଦକରଙ୍କ ପ୍ରତି ଅସମ୍ମାନର ପ୍ରତିବାଦରେ ଅନୁସୂଚିତ ଜାତି ମୋର୍ଚ୍ଚା ପକ୍ଷରୁ ସ୍ଥାନୀୟ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଜିଲ୍ଲା ସଭାପତି ସୁନୀଲ କୁମାର ସେଠଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ଅନନ୍ତ ଦାସ, ରାଜ୍ୟ କୃଷକ ମୋର୍ଚ୍ଚା ସାଧାରଣ ସମ୍ପାଦକ ଲକ୍ଷ୍ମଣ ବାଗ, ବଲାଙ୍ଗିର ଅନୁସୂଚିତ ଜାତି ମୋର୍ଚ୍ଚାର ପ୍ରଭାରୀ ମୁରଲୀଧର ସୁନା, ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ସୁଶାନ୍ତ ଦାସ, ପୀତାମ୍ବର ଖମାରୀ, ସନ୍ତୋଷ ସାହୁ, ସୁଦୀପ ସା', ସୁନୀଲ ମିଶ୍ର, ଅଭିଷେକ ସୋନୀ, ସୁବ୍ରତ କୁଅଁର, ଜିଲ୍ଲା ଆଇଟି କୋର୍ଡିନେଟର୍ ରଶ୍ମିରେଖା ଦାନୀ, ରାଜ୍ୟ ମହିଳା ମୋର୍ଚ୍ଚା ସମ୍ପାଦକ ରଞ୍ଜିତା ପାଣିଗ୍ରାହୀ, ଫିରୋଜା ବିବି, କଲ୍ୟାଣୀ ଆଡବାଙ୍କ, ସୌଦାମିନୀ ମିଶ୍ର, ଅନୁସୟା ବେଜ ପ୍ରମୁଖ ବହୁ ବିଜେପି କର୍ମକର୍ତ୍ତା ଉପସ୍ଥିତ ଥିଲେ ।






## CHANGE OF PRACTICING ADDRESS

DR RAJKUMAR MISHRA, BAMS, MD
Odisha State Council of Ayurvedic Medicine,
Reg No. 5907

I am currently practicing at **R. K. University Ayurvedic College and Hospital, Kasturbadham, Tramba, Rajkot , Pin- 360020, Gujarat.**

I am not practicing any where in odisha now.

**Printed, Published & Owned by Ananda Chandra Sahu at Anand Printers, Shantipara, Bolangir & Edited by Ananda Chandra Sahu, Shantipara, Bolangir-767002, Ph.(06652)250251, Mobile : 9437151062, 8249183745, email : manmay2008@rediffmail.com, koshalaprabaha@gmail.com**

Follow us on website : www.koshalaprabaha.com Koshala prabaha Koshala Prabaha
For Update News Pls. Visit Our News Web Portal : koshalaprabahalive.com

ସଂପାଦକ : ଆନନ୍ଦ ଚନ୍ଦ୍ର ସାହୁ
Editor : Ananda Chandra Sahu